

odia.org

# ବାଉଳା ମନ

*

ଲେଖକ :
ଶ୍ରୀ ବସନ୍ତ କୁମାର ପଣ୍ଡା

*

ପ୍ରକାଶକ :
ଶିକ୍ଷା ସଦନ
କଟକ - ୨

ପ୍ରଥମ ପ୍ରକାଶ :
ଡିସେମ୍ବର—୧୯୬୪

*

ପ୍ରଚ୍ଛଦପଟ୍ଟ ଶିଳ୍ପୀ :
ଦେବାଶିଷ୍ ଶରତଚନ୍ଦ୍ର ଦାସ

*

ମୁଦ୍ରାକର :
ପୂର୍ଣ୍ଣିମାରାଣୀ ଦାସ
କଲ୍ୟାଣୀ ପ୍ରିଣ୍ଟର୍ସ, କଟକ—୧

*

ମୂଲ୍ୟ :
ଏକ ଟଙ୍କା

*

BAULA MAN, Re 1.00

ବିକଶିତ କୁସୁମରେ ପରାଗସଂଗମ ଦ୍ୱାରା ନାରୀ ପୁରୁଷର ମିଳନ ପ୍ରକୃତିର ଏକ ସ୍ୱାଭାବିକ କ୍ରିୟା । ମିଳନ ସୁଖରୁ ଯେ ବଞ୍ଚିତ ହୁଏ, ପ୍ରାଣ ତାର ଚିତ୍କାର କରି ଉଠେ ।

ବୈବାହିକ ବନ୍ଧନ ପୂର୍ବରୁ ଯୁବକ ଯୁବତୀମାନେ ମନେ ମନେ ଦେଖନ୍ତି ଚଉଠିରାତିର ସ୍ୱପ୍ନ । ସେ ଦିନକୁ ସ୍ୱାଗତ ଜଣାଇବା ଲାଗି ଆକାଂକ୍ଷିତ ହୃଦୟରେ ଅପେକ୍ଷା କରନ୍ତି । ବିଗତ ଯୌବନ ଯୌବନାଗତ ସ୍ମୃତିକୁ ମାଜି ମୂଜି ନୂଆକରି ଅନୁଭବ କରିବାର ବିଫଳ ପ୍ରୟାସ କରନ୍ତି ।

ଫଗୁଣ ମାସରେ ବସନ୍ତ ଆଗମନରେ ପୃଥିବୀ ଦିଶେ ଲାସ୍ୟମୟୀ । ରୁଚି ସମ୍ପନ୍ନ ସୁସଜ୍ଜିତ କକ୍ଷରେ ମୃଦୁ ଦୀପାଲୋକର ମଧୁର ପ୍ଲାବନରେ ବାପଘରୁ ବିଦାୟୀ ଝିଅମାନେ ବାସରରାତିର ସ୍ୱପ୍ନ ଦେଖନ୍ତି । ମୁହୂର୍ତ୍ତେ ଯୁଗପରି ମନେ ହୁଏ । ଅଜଣା ସୁଖର କଳ୍ପନାରେ ଦେହର ଲତାରେ କଦମ୍ବ ଫୁଲ ଫୁଟେ, ହୃଦୟ ସାଗରରେ ଆନନ୍ଦତରଙ୍ଗ

ଉଠେ । ସୁଖ ଆଲୋକରୁ ଦୁଃଖାନ୍ଧକାରୁ ମଧ୍ୟରେ ପ୍ରବେଶ କଲେ ଯେପରି ମନମୟୂରୀ କାନ୍ଦେ, ସେହିପରି ପତି-ସାନିଧ୍ୟ ନପାଇଲେ ଯୁବତୀ ହୃଦୟ ସାହାରାରେ ପରିଣତ ହୁଏ ।

ଶାଶୁଘରେ ମାସେ କଟେଇ ବାଣୀ ବାପଘରକୁ ଆସି ଅନୁଭବ କରୁଚି ଜୀବନର ପ୍ରବଳ ପରିବର୍ତ୍ତନ । ବିବାହ ପୂର୍ବରୁ ଗାଁ, ଘର, ପୁଷ୍କରିଣୀ, ପଲ୍ଲୀବଧୂ, ଆକାଶର ଜହ୍ନ, ଦକ୍ଷିଣାପବନ ହାସ ପରିହାସ ଭଲ ଲାଗୁଥିଲା, କିନ୍ତୁ ଶାଶୁଘରୁ ଫେରି ଆସି ବାଣୀ ଅଜ ନିଜକୁ ଏକ ଭିନ୍ନ ଅନୁଭବ କରୁଛି । ଉପସ୍ଥିତ ପରିବେଶ ଓ ଉପଗ୍ରହର ମନମନ୍ଦିରର ଚିତ୍ରପଟ ପରି ଅଲୋଡ଼ା ହୋଇଯାଇଛି । ସେ ତୃଷାର୍ତ୍ତ ମିଳନ ଜଳହିଁ ତାର ଏକମାତ୍ର ପାନୀୟ ।

ସ୍ୱାମୀଙ୍କର ଶିକ୍ଷାନୁଷ୍ଠାନରେ । ବାପମାଆଙ୍କ ତାଗିଦ୍ – ବାରମ୍ବାର ଘରକୁ ଆସି କ୍ଷତି କରାଇବା ଉଚିତ ନୁହେଁ । ବାଣୀ ବୁଝେ, କିନ୍ତୁ ମନ ମାନେନା । ସ୍ୱାମୀ ତାର ଶିକ୍ଷାରୁ ବିଦାୟ ନେବାପାଇଁ ଆଉ ତିନି ବର୍ଷ । ତିନିବର୍ଷ ପରେ ସେ ହେବେ ଉଚ୍ଚପଦସ୍ଥ କର୍ମକର୍ତ୍ତା । ସୁଖ ସମ୍ପନ୍ନ ସମ୍ପଦ ତାର ପାଦତଳେ ଲୁଏଁ ଲୁଏଁ ଅଜାଡ଼ି ହୋଇ ପଡ଼ିବ ।

କିନ୍ତୁ ଏ ଦୀର୍ଘ ସମୟରେ ପ୍ରାଣର କୋମଳତା କଣ ନଷ୍ଟ ହୋଇଯିବନି ? ପ୍ରଣୟ ଅନୁରାଗିଣୀ ସୁକୁମାରୀ ବାଣୀ କଳ୍ପନା କରି ପାରେନି, ସମୁଦ୍ରର ବିସ୍ତୀର୍ଣ୍ଣ ବାଲୁକାମୟ ପଥର ଶେଷ କେବେ ହେବ ? ଏ ଯାତ୍ରା ଯେପରି ବାଣୀକୁ ଜଣାଯାଉଚି ଅସରନ୍ତି ଓ କ୍ଲାନ୍ତିକର । ମରୀଚିକା ପଛେ ଧାଇଁ ଧାଇଁ ମରୁଦ୍ୟାନରେ ପହଞ୍ଚିଲେ ଯାତ୍ରୀ ଶାନ୍ତିର ନିଃଶ୍ୱାସ ମାରେ । ଦୀର୍ଘ ତିନିବର୍ଷର ଜୀବନର ପୂର୍ଣ୍ଣଚ୍ଛେଦ ସତରେ କେବେ ଆସିବ, ଏକଥା ବାଣୀ ଚିନ୍ତା କରିପାରେନି ।

ବିଚ୍ଛେଦ ସାହାରାରେ ସତେ କେବେ ସେ ମିଳନ ମରୁଦ୍ୟାନର ସନ୍ଧାନ ପାଇବ ?

ବୀଣା ମନକୁ ପରିବର୍ତ୍ତନ କରିବାକୁ ଚେଷ୍ଟାକରେ । ଅଦମ କାମନାଗ୍ନି ତା ମନଜଙ୍ଗଲକୁ ଜାଳିପକାଏ ।

ବୀଣାର ଉଚ୍ଚଶିକ୍ଷିତ ପିତା ବୀଣାର ନୀରସ ଅବସରକୁ ସରସ କରିବା ନିମନ୍ତେ ଗୋଟିଏ ଟ୍ରାଞ୍ଜିଷ୍ଟାର ଓ ଗୋଟିଏ ସିଲେଇ ମେସିନ୍ କିଣି ଦେଲେ । ସାମୟିକ ସିଲେଇ ଶିକ୍ଷା ଦେବା ନିମନ୍ତେ ନିଜର ବନ୍ଧୁ ଓ ଟେଲର୍ ବିଶ୍ୱନାଥଙ୍କୁ ନିଯୁକ୍ତ କଲେ ।

ବୀଣାର ମାନସିକ ପରିବର୍ତ୍ତନ ଦେଖା ଦେଲା । ଦୁଃଶ୍ଚିନ୍ତା କ୍ରମେ କମିଲା ।

ବିଶ୍ୱନାଥ ସୁସ୍ଥ ସବଳ ସୁନ୍ଦର । ବିବାହିତ ଓ ଦୁଇଟି ପୁଅ ଝିଅଙ୍କର ଜନକ । ପିତା ମାତା ଭ୍ରାତା ପତ୍ନୀ ପୁତ୍ର କନ୍ୟାଙ୍କୁ ନେଇ ଗୋଟିଏ ପରିବାରର ଚାଳକ । ଜଳ ଭଣ୍ଡାରରେ ଟେକାପଡ଼ି ତରଙ୍ଗ ସୃଷ୍ଟି ହୋଇ ପୁଣି ସ୍ଥିର ହେବାପରି ବିଶ୍ୱନାଥର ହୃଦୟ ସାଗର ସ୍ଥିର ହୋଇଯାଇଛି । ଚାଞ୍ଚଲ୍ୟ ଆଉ ତାର ନାହିଁ । ବୀଣାର ସୁନ୍ଦର ମୁଖମଣ୍ଡଳ ଉଜ୍ଜ୍ୱଳ ସ୍ୱାସ୍ଥ୍ୟ ସମ୍ଭାର ବିଶ୍ୱନାଥର ହୃଦୟକୁ ରୋମାଞ୍ଚିତ କରେଇ ।

ବିଶ୍ୱନାଥ ଘରକୁ ଫେରେ । ବୀଣାର ପ୍ରଶ୍ନ, ଗୃହିଣୀ ତାକୁ ବିବ୍ରତ କରାଏ । ବିଶ୍ୱନାଥର ସ୍ତ୍ରୀ ସ୍ୱାମୀର ମନକଥା ଠିକ୍

ବୁଝିପାରେ । ପିଲାଙ୍କୁ ଶୁଆଇ ଦେଇ ଋତେଶ୍ୱରୀ ସନ୍ତାନର ମାତା ନିଜର ପତଳା ଦେହକୁ ବିଶ୍ୱନାଥ ଦେହରେ ଜଡ଼େଇ କେତେ ମନଭୁଲା କଥା କହେ । କଥାର ଉତ୍ତର ଶୁଣୁ ଶୁଣୁ ସେ ଶୋଇଯାଏ । ଓଠରେ ତାର ଲାଗି ରହିଥାଏ ତୃପ୍ତିର ହସ ।

କାର୍ତ୍ତିକ ମାସ ଶୀତ ସନ୍ଧ୍ୟାର ଏକ ଜ୍ୟୋତ୍ସ୍ନାପ୍ଲାବିତ ମୁହୂର୍ତ୍ତ । ଆକାଶର ଚନ୍ଦ୍ର ହସର ପସରା ମେଲି ପୃଥିବୀବାସୀଙ୍କୁ ଜଣାଉଛି ସାଦର ଅଭିନନ୍ଦନ । ଶୀତର ଶୀତଳ ସମୀରଣ ବୀଣାର ଦେହ ଆଲିଙ୍ଗିବାକୁ ଚେଷ୍ଟା କରୁଛି । ଦେହ ତାର ଖୋଜି ବୁଲୁଚି ଉଷ୍ଣତାର ସ୍ପର୍ଶ । ଚନ୍ଦ୍ର ତାକୁ ଉପହାସ କରୁଛି, ବିରହୀ ଚକୋରୀକୁ ଷଡ଼ ବ୍ୟଥିତ କରୁଚି ।

ଅଗଣାରୁ ବୀଣା ଘର ଭିତରକୁ ଉଠିଗଲା । ବାହାରେ ଶୀତ ସନ୍ଧ୍ୟାର କାନ୍ତ ପରିବେଶ ଭିତରେ ଅଖଣ୍ଡ ନୀରବତା । ଟ୍ରାଞ୍ଜିଷ୍ଟର ଖୋଲିଲା ବୀଣା । ସୁମଧୁର ବାଦ୍ୟଯନ୍ତ୍ର ସଙ୍ଗେ ସଙ୍ଗେ ସୁକଳିତ କଣ୍ଠରୁ ଭାସି ଆସିଲା ଗୀତର ଝରଣା । ଓଡ଼ିଆ ଗୀତ—ଫୁଲ ବଗିଆରେ ବିକଶି ରହିଛି ଅନାଇ ଏ କୁଞ୍ଜେ କାହେ ଗୁଞ୍ଜନ ଦେଇଯା ।

ବିକଶିତ କୁସୁମର ଆବେଗ ଭରା ନିମନ୍ତ୍ରଣ । ଭ୍ରମର ତାର ସାଥୀ । ମିଳନରେ ବାଧା ନାହିଁ । କିନ୍ତୁ ସାମାଜିକ ଜୀବ ମଣିଷ ଓ ନାରୀଙ୍କ ମିଳନରେ ଶତବାଧା । ପଥ ତାଙ୍କର ଗୋଲାପର ଶଯ୍ୟା ନୁହେଁ, ବରଂ କଣ୍ଟକ ଓ ଧାବମାନ ହାସ୍ୟ କଣ୍ଟକିତ । ପଦେ ପଦେ ଶୃଙ୍ଖଳ । ସାମାଜିକ ନିୟମ ।

ବସିବା ଯାଗାରୁ ଉଠି ବାଣୀ ଦର୍ପଣ ସମ୍ମୁଖରେ ଠିଆ ହେଲା । ପୂର୍ଣ୍ଣ ଅବୟବ ତାର ପରିଷ୍କାରଭାବେ ଦେଖାଯାଉଛି । ଗହମ ରଙ୍ଗର ଦେହ, ବେଶ ମାଂସଳ ଲୋଭନୀୟ । ଦେହକୁ ବେଷ୍ଟନ କରିଛି ନୀଳ ରଙ୍ଗର ଶାଢ଼ୀ, ଗାଢ଼ ବାଦାମୀ ରଙ୍ଗର ବ୍ଲାଉଜ । ସୂକ୍ଷ୍ମ ଅଥଚ ଦାମିକା ସ୍ୱର୍ଣ୍ଣାଳଙ୍କାର କାନ ହାତ ଓ ବେକରେ ଝଟକୁଛି ।

ପ୍ରେମଠାରୁ କାମ ଭଲ ନୁହେଁ । ବିବାହପରେ ସ୍ତ୍ରୀ ପରପୁରୁଷଙ୍କୁ ଖୋଜିଲେ ସେ ନୈତିକ ନିନ୍ଦିତା । କିନ୍ତୁ ପୁରୁଷ—ତାକୁ ଖୁନ୍‌ଖୁନ୍ ମାଫ୍ । ସେ ପିତ୍ତଳ ବାସନ । ମାଜିମୁଜି ଦେଲେ ପୁଣି ସଫା ।

ବାଣୀର ମନ ଗୋଳମାଳିଆ ହୋଇଗଲା । ଝରକା ପାଖକୁ ଯାଇ ବାହାରକୁ ଚାହିଁ ରହିଲା । ବାହାରେ ତାର ଗାଁ । ଗାଁର ପ୍ରକୃତି ଡାକିଉଠୁଛି । ବାଣୀ ଏବେ ଗାଁ ଭିତରକୁ ଚାହିଁଲେ ତାର ମନେପଡ଼େ ହଜିଲା ଅତୀତ । ଭବିଷ୍ୟତର ସ୍ୱର୍ଣ୍ଣମୃଗ ତାର ମନସାମକୁ ବିଭ୍ରତ କରେ । ଅତୀତହିଁ ଜୀବନର ମାନଦଣ୍ଡ ।

ବାଣୀକୁ ସେତେବେଳେ ହୋଇଥାଏ ବାରବର୍ଷ । ବୟସ ତା ଦେହରେ ଆଣୁଥାଏ ନୂଆ ନୂଆ ପରିବର୍ତ୍ତନ । ପତଳା ଦେହଟାରେ ତାର ସୁନ୍ଦର ସୁନ୍ଦର ଢଙ୍ଗ ପ୍ରକାଶିତ ହେଉଥାଏ । ଗାଲକ ଉପରେ ଝଲକୁଛି ଆସୁଥାଏ ଅରୁଣିମା । ପ୍ରଜାପତି ପରି ସେ ଥିଲା ଚଞ୍ଚଳା ଓ ଚପଳା । ସାଥୀମାନେ ତା ପାଖରେ ଲାଗିଲେ ସେ ବିରକ୍ତ ହେଉଥିଲା କିନ୍ତୁ ଆଜ ହାତର ସ୍ପର୍ଶ ପାଇଁ [illegible]କୁ ଅନ୍ତର ଝୁରୁଛି । ବାଣୀର କଣ୍ଠ ଭିଜେଇ ବାଟାକୁ ଦେଖିଲେ [illegible] ଭୋକିଲା ଆଖିରେ ଚାହିଁନ୍ତି । ସୁବିଧା ପାଇଲେ ପାଖକୁ ଟାଣି [illegible] ଗେଲ କରନ୍ତି । ସେ ସବୁ ଅତୀତର ।

ବର୍ତ୍ତମାନ ସେ ଂଯୁବତୀ ନବାନ୍ୱିତା । ଭର୍ତ୍ତାର ତା' ସାଙ୍ଗରେ ଲାଗିବାପାଇଁ ସାହାସ କରନ୍ତିନି । କେବଳ କଥାରେ କଥାରେ ଯାହା ମନ ଓଜମାନ ମେଣ୍ଟାନ୍ତି । ବିବାହ ପରେ ସେ ସ୍ୱାମୀ ସଙ୍ଗେ ମିଶିବା ପାଇଁ ସୁବିଧା ପାଇଥିଲା । ହୋଇଥିଲା ଜଣଙ୍କର ଏକାନ୍ତ ସଙ୍ଗିନୀ । ତନ୍ମୟଚିତ୍ତରେ ଗ୍ରହଣ କରିଥିଲା ସ୍ୱାମୀଙ୍କର ସବୁଗଭୀର ଉତ୍କୁଣ୍ଠିତ ଦାନ, କିନ୍ତୁ ସବୁ ଅକପଦନ ପାଇଁ ।

ଏ ଶୀତସନ୍ଧ୍ୟାରେ ମଧ୍ୟ ବୀଣା ଦେହ ଝାଳେଇ ଆସିଲା । ଝରକା ପାଖରୁ ଆସି ତକିଆରେ ମୁହଁଟା ମାଡ଼ି କରି କରି ହୋଇ କାନ୍ଦି ଉଠିଲା ।

ବିଶ୍ୱନାଥ ଆସି ଦେଖିଲେ—ବୀଣା କାନ୍ଦୁଛି । ମୃଦୁ ଅଥଚ ଶାସନ ଗଳାରେ କହିଲେ—ବୀଣା, ତମେ ଯଦି ନଶିଖିବ ତେବେ ମୋର ଆସିବା ବନ୍ଦ କରିଦେବା ଉଚିତ ।

ବିଶ୍ୱନାଥ ଫେରିଯାଇ ଖଟରେ ଶୋଇ ଚିନ୍ତା କରୁଛି । ପାଖରେ ପିଲେ ଆଉ ସ୍ତ୍ରୀ ଶୋଇ ପଡ଼ିଲେଣି । ପୁଣି ସନ୍ତାନ ହେବ ସେ । ଏବେ ଚାରିଟି ସନ୍ତାନ ପରେ ପଞ୍ଚମ ସନ୍ତାନ ଗର୍ଭରେ ଧାରଣ କରି ଅଫୁରନ୍ତ ଆନନ୍ଦରେ ସେ ଉଚ୍ଛୁଳି ଉଠୁଛନ୍ତି । ଦେହରେ ରକ୍ତର ଅଭାବ, ତଥାପି ସୃଜନ ମନୋବୃତ୍ତି ତାଙ୍କୁ ସ୍ୱାମୀଙ୍କର ନିକଟତମ କରିଛି ।

ବିଶ୍ୱନାଥର ମନଭଙ୍ଗା ଯାଇ ବୀଣାର ସ୍ୱୀୟ ନିକଟରେ ପରିକ୍ରମା କରୁଛି । ଚିନ୍ତାରେ ସେ ବିଚଳିତ । ସଂସାର ତାର

ସ୍ନେହ ସମ୍ଭାରରେ ଭରା । ସ୍ତ୍ରୀର ଆଦର ଯତ୍ନ ! ପୁଅ ଝିଅମାନଙ୍କର ହସଖୁସିରେ ବିଶ୍ୱନାଥ ତୃପ୍ତ ।

ବିଶ୍ୱନାଥ ଭାବୁଥିଲା ବୀଣାର ମନକଥା । ବୀଣା ଲୋଡ଼େ ମିଳନ, ପ୍ରିୟପୁରୁଷ ଶାଶ୍ୱତିକ ମିଳନ । କିନ୍ତୁ ସ୍ୱାମୀ ତା'ର ବିଦେଶରେ । ବୀ ାର ଦୃଷ୍ଟିରୁ ଜଣାପଡ଼େ—ସେ ଲୋଡ଼େ ପୁରୁଷର ସାନିଧ୍ୟ !

ଯୌବନର ଆଶା ହୃଦୟରେ ପ୍ରହେଳିକା ସୃଷ୍ଟି କରେ । ମିଳନ ଆଶା କରି ଯୌବନ ସ୍ୱାନତାର ଲକ୍ଷଣ । ପ୍ରକୃତିର ଯାହା ଇଚ୍ଛା ତାହା ପାପ ନୁହେଁ । ବିଶ୍ୱନାଥ ବୀଣାକୁ ସିଲେଇ ଶିଖେଇବାକୁ ଯାଇ ବେଳେବେଳେ ଦେଖେ, ସେ ଅନ୍ୟମନସ୍କ ଭାବରେ ସୂତା ଉପରେ ବୁଲୁଚି । ବିଶ୍ୱନାଥର କଳ୍ପନାଶକ୍ତି ପ୍ରଶ୍ନ ପଚାରେ କହେ ସେ ବୀଣା — ଜହ୍ନରାତି ତମକୁ ଭଲ ଲାଗେନି ?

ବିଶ୍ୱନାଥ ଯୁବକ । ଯୁବସୁଲଭ ଚପଳତା ତାର ସ୍ୱାଭାବିକ ଧର୍ମ । ବିବାହିତା ବୀଣାର ଶକ୍ତି ବୁଝେ । ତାର ଅବିବାହିତ ଜୀବନରେ ଇମିତି କେତେ ଅତୃପ୍ତା ବିବାହିତା ଯୁବତୀଙ୍କର ବକ୍ରୋକ୍ତି ସେ ହଜମ କରିଛି । ସେତେବେଳେ ଥିଲା ବିପୁଳ ସାହସ । ସୁବିଧାନୁସାରେ ତୃପ୍ତ କରି ଥିଲା ସେମାନଙ୍କର କାମନା । ତାର ପଛଳ ବୟସର ପ୍ରେମିକା ମାନେ ଆଜି ଅନେକେ ଜନନୀ ହେଲେଣି । ଏବେ ବିଶ୍ୱନାଥକୁ ଦେଖିଲେ ସେମାନେ ପକ୍କା ଗୃହିଣୀ ପରି ଭଲମନ୍ଦ ପଚାରନ୍ତି । ଅତୀତ ବର୍ତ୍ତମାନରେ ପରିଣତ ହୋଇଛି । ସେମାନଙ୍କ ନିକଟରେ ବିଶ୍ୱନାଥ ଆଜି ଅଚିହ୍ନା । ବିଶ୍ୱନାଥ ସେମାନଙ୍କୁ ଭୁଲିଚି, ସେମାନଙ୍କର ପ୍ରେମକୁ ଘୃଣା କରିଛି । ନିଜର ବିବାହିତା ସ୍ତ୍ରୀର ସରଳ ସହଜ ବ୍ୟବହାରରେ ସେ ବାସ୍ତବତାର ସ୍ୱପ୍ନହିଁ ଦେଖିଛି ।

ପ୍ରଥମେ ପ୍ରଥମେ ପ୍ରେମିକା ମାନଙ୍କର ଅବହେଳାରେ ବିଶ୍ୱନାଥ ଦୁଃଖିତ ହେଉଥିଲା । ଅଶାନ୍ତି ଅନୁଭବ କରୁଥିଲା । ମନର ରଙ୍ଗ ଲିଭି ଯାଉଥିଲା । କିନ୍ତୁ କ୍ରମେ ସେ ବାସ୍ତବବାଦୀ ସଂସାରୀ ହୋଇଛି । ଅତୀତକୁ ଭୁଲିଛି ।

ବିଶ୍ୱନାଥ ଆଜି ବୁଝୁଛି ଗୀତାର ମାନସିକ ଦ୍ୱନ୍ଦ । ତଥାପି ଗୀତା ପିତାଙ୍କର ଚେତାବନୀ ତା କାନରେ ଭୁହାଇ ଭୁହାଇ ଶୁଭେ — ବୁଝିଲୁ ଝିଅ, ସ୍ୱାମୀ ସଙ୍ଗେ ଅଳ୍ପ ଦିନ ଚଳିବା ପରେ ଅଲଗା ହୋଇ ରହିବା କଷ୍ଟ ଦାୟକ । ତେଣୁ ତାର ମାନସିକ ପରିବର୍ତ୍ତନ ଲାଗି ଏ ସାମାନ୍ୟ ଚେଷ୍ଟା ମାତ୍ର ।

ବନ୍ଧୁର ଅଗାଧ ବିଶ୍ୱାସ ବିଶ୍ୱନାଥକୁ ସଚେତନ କରାଏ । ସେ ମନେ ମନେ ଚିନ୍ତାକରେ — କି ସହଜ ଭାବରେ ଯୁବତୀ କନ୍ୟାକୁ ତା ଦାୟିତ୍ୱରେ ଛାଡ଼ି ଦେଇଛି । ସେ ବନ୍ଧୁତ୍ୱର ଅବମାନନା ସଙ୍ଗେ ନିଜର ପାରିବାରିକ ଅଶାନ୍ତି ବୃଦ୍ଧି କରିବ କାହିଁକି ?

ବିଶ୍ୱନାଥର ମାରଫତାରେ ଗୀତା ପ୍ରଶ୍ନ ପଚାରେ — ତମକୁ ପର ମୁଁ ଜରୁରୁ ଥିଲ ? କଥାରେ ପରିହାସ, ମୁହଁରେ ହସ ଭଙ୍ଗୀରେ ଲାଳସା ଚମକେ ।

ବିଶ୍ୱନାଥ କିଛି ଉତ୍ତର ଦେଇ ପାରେନି । କାର୍ଯ୍ୟର ତୁଳନାରେ ଭୁଲ ଆସେ । ବାଟରେ ସେଇ କଥା ହିଁ ଘଟେ । ଆଜି ବିଶ୍ୱନାଥ ଶୋଇ ଶୋଇ ସେଇ କଥାଗୁଡ଼ିକର ପୁନରାବୃତ୍ତି କରୁଛି ।

କାର୍ତ୍ତିକ ମାସର ଶୀତ ସାଙ୍ଗକୁ କ୍ରମାଗତ ଆଠଦିନ ହେବ ବର୍ଷା ପବନ ଲାଗି ରହିଛି । ଏଇ ଆଠଦିନ ଭିତରେ ବିଶ୍ୱନାଥ ଗୀତା ଘରକୁ ଯାଇନି । ବାହାର ଝଡ଼ ସଙ୍ଗେ ମନରେ ତାର ଝଡ଼ ତାଳ ଦେଉଛି ।

ପାଖରେ ଛୋଟଝିଅ ମିନି ବସି ଛୋଟ ଛୋଟ ପ୍ରଶ୍ନ ପଚାରୁଛି । ଅଗଣାରେ ପଟି ଖଣ୍ଡିଏ ପକେଇ ବସି ବିଶ୍ୱନାଥ ଝିଅର ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରୁଛି । ଦୁଇ ଚାରିଟା ପ୍ରଶ୍ନ ପରେ ଗୋଟେ ଅଧେ ଉତ୍ତର ଦେଉଛି କେବଳ ହଁ ନାଁ ରେ ।

ରୋଷଘର ଦୁଆରେ ଠିଆ ହୋଇଥିଲା ତାର ସ୍ତ୍ରୀ । ବିଶ୍ୱନାଥର ଉତ୍ତର ଶୁଣୁ ଶୁଣୁ ହସି ପକେଇଲା । ସ୍ତ୍ରୀର ହସରେ ବିଶ୍ୱନାଥ ଚମକି ଚାହିଁଲା – ସ୍ତ୍ରୀ ତାର ଠିଆ ହୋଇଛି, ହାତରେ ପିଠା ପାତିଆ, ଗାଲରେ କଳା ଦାଗ, କପାଳରେ ବିନ୍ଦୁ ବିନ୍ଦୁ ଝାଳ ଓଠରେ ଲାଗି ରହିଛି ହସ ।

—ବିଶ୍ୱନାଥ କିଛି ବୁଝି ନପାରି କହିଲା—କଥା କଣ ? ହସୁଚ କାହିଁକି ?

ପ୍ରଶ୍ନର ଉତ୍ତର ଲାଗି ସେ ଯିମିତି ଆଗରୁ ପ୍ରସ୍ତୁତ ଥିଲେ । କହିଲେ—ମିନିର ପ୍ରଶ୍ନ ଶୁଣି କି ଉତ୍ତର ଦଉଚ ନା ଆଉ କାହା କଥା ଭାବି ଭାବି ମୁଣ୍ଡ ଖାଲିଟି ଗଲାଣି ?

ବିଶ୍ୱନାଥ ବୁଝିଲା । କହିଲା—ଓଃ ଏଇ କଥା । ଫୁଟି ଉଠିଲା ତା ଓଠରେ ଟିକିଏ ହସ । ସ୍ୱାମୀ ସ୍ତ୍ରୀର ହସର ଆଦାନ ପ୍ରଦାନରେ ହିଁ ହୃଦୟର ବୁଝାମଣା ହୁଏ ।

ବିଶ୍ୱନାଥ ମିନିକି କୋଳରେ ଧରି ଗେଲ କରୁ କରୁ ଚାହିଁଲା ଆକାଶକୁ । କଳା କଳା ମେଘ ପବନ ଦ୍ୱାରା ଉଡ଼ିଯାଉଛି ଦୂରକୁ । ତା ପଛେ ପଛେ ପୁଣି ମେଘଖଣ୍ଡ । ପବନ ଓ ମେଘର ଏ ଯେମିତି ଚିରନ୍ତନ ସଂଗ୍ରାମ ।

ପୁଣି ଅତୀତ ଖଣ୍ଡେ କଳାମେଘ ହୋଇ ବିଶ୍ୱନାଥ ସମ୍ମୁଖରେ ଦେଖାଦେଲା । —ସେତେବେଳକୁ ବିଶ୍ୱନାଥକୁ ହୋଇଥାଏ ଅଠର

ବରଷ । ଯୌବନର ପ୍ରଥମ ସୋପାନ । ଉଦ୍ଦାମତା ସେ ବୟସର ଧର୍ମ । ବ୍ୟବସାୟ ସୂତ୍ରରେ ବିଶ୍ୱନାଥ ଥାଏ ଜଟଣୀର ଜଣେ ବ୍ୟବସାୟୀଙ୍କ ନିକଟରେ । ମାଲିକ ବିଶ୍ୱନାଥର ଦାୟିତ୍ୱରେ ନିଜଘର ଓ ବ୍ୟବସାୟ ଛାଡ଼ି ଦେଇଥାନ୍ତି । କର୍ମକ୍ଳାନ୍ତ ବିଶ୍ୱନାଥ ସନ୍ଧ୍ୟାରେ ବସାକୁ ଫେରିଲା ବେଳକୁ ମାଲିକାଣୀ ଖାଇବା ପ୍ରସ୍ତୁତ କରିଥାନ୍ତି । ନିଜର ଲୋକ ପରି ତାର ଖିଆଇବା ପିଇବାର ଯତ୍ନ ନିଅନ୍ତି ବିଶ୍ୱନାଥ କର୍ମଠ ଓ ବିଶ୍ୱାସୀ, ଦିନର କାର୍ଯ୍ୟପରେ ସେ ସଙ୍ଗେ ସଙ୍ଗେ ଶୋଇଯାଏ ।

ବ୍ୟବସାୟୀ ଦିନବନ୍ଧୁ ଦାସ ଲକ୍ଷପତି । ଧନର ଅଭାବ ନାହିଁ ସତ, କିନ୍ତୁ ମନର ଅଭାବ ଥିଲା ତାଙ୍କ ନିକଟରେ । ନିଜର ବିବାହିତା ପତ୍ନୀକୁ ସେ ଆଦର କରି ପାରନ୍ତିନି । ନିତ୍ୟ ନୂତନ ବାରନାରୀ ଉପଭୋଗ କରିବା ତାଙ୍କର ଥିଲା ଅଭିଳାଷ ।

ଦିନବନ୍ଧୁଙ୍କ ପତ୍ନୀ ସୁନ୍ଦରୀ । ସ୍ୱାମୀଙ୍କର ଅନୁପସ୍ଥିତିର କାରଣ ଜାଣି ମଧ୍ୟ ନଜାଣିଲା ପରି ନୀରବ ରହନ୍ତି । ସ୍ୱାମୀ ଶତନାରୀଙ୍କ ଅଧରଚୁମ୍ବନ କଲେ ମଧ୍ୟ ଦୋଷହୀନ, କିନ୍ତୁ ନାରୀ ଯଦି ଭୁଲରେ ପରପୁରୁଷ ପ୍ରତି ନୟନପାତ କରେ—ତେବେ ସେ ହୁଏ ଶତ ଲାଞ୍ଛନାର ଶରବ୍ୟ ।

ଦିନବନ୍ଧୁଙ୍କର ଅବହେଳା କ୍ରମେ ବଢ଼ିଲା । ମାନସିକ ଯାତନା ସହ୍ୟ କରିବା ନିମନ୍ତେ ନଥିଲା ତାର ସାହସ । ବିଶ୍ୱନାଥକୁ ଆପଣାର କରିବା ନିମନ୍ତେ ସେ କଲା ପ୍ରବଳ ଉଦ୍ୟମ ।

ଆଜି ବିଶ୍ୱନାଥର ଠିକ୍ ମନେ ପଡ଼ୁଛି । ସେଦିନ ହୋଇଥାଏ କୁମାର ପୂର୍ଣ୍ଣିମା । ବାହାର ଘରେ ବିଶ୍ୱନାଥ ସନ୍ଧ୍ୟାପରେ ବିଶ୍ରାମ ନେଉଛି । ବାହାରେ ଚନ୍ଦ୍ର କିରଣରେ ମଧୁର ପ୍ଳାବନ । ଘର ଭିତରେ ଉଜ୍ଜ୍ୱଳ ବିଦ୍ୟୁତବର୍ତ୍ତି । ବିଶ୍ୱନାଥର କଳ୍ପନାକୁ ବିସ୍ମିତ

ଓ ବିସ୍ମିତ କରି ଧାନବନ୍ଧୁର ପତ୍ନୀ ପରିପରିବେଶ ହୋଇ ବିଶ୍ୱନାଥର ଶଯ୍ୟାପାର୍ଶ୍ୱରେ ବସି କହିଲା—ଏତିକି ବେଳକୁ କଣ ଶୋଇ ପଡ଼ିଲଣି ?

ବିଶ୍ୱନାଥ ଶେଜରୁ ଉଠି କିଛି କହିବା ପୂର୍ବରୁ ଅନୁଭବ କଲା ତା ମୁହଁ ଉପରେ ଗୋଟିଏ ସୁନ୍ଦର ଗୋଲ କୋମଳ ସୁବାସିତ ମୁଖର ମଧୁର ମୃଦୁ ସ୍ପର୍ଶ । ବିଶ୍ୱନାଥ ଠିକ୍ ଅନୁଭବ କଲା – ନାରୀର ଆବେଦନ କେବେ ବିଫଳ ହୁଏନା ।

ଦଶବର୍ଷ ପରେ ପୁଣି ବିଶ୍ୱନାଥ ଆଜି ସେହିପରି ଗୋଟିଏ କାମାତୁର ଅତୃପ୍ତା ରମଣୀର ମାୟା ଡୋରରେ ଛନ୍ଦି ହେବାକୁ ଯାଉଛି । ଗତ ଜୀବନର ତିକ୍ତ କାହାଣୀ ସେ ଭୁଲି ଯାଇଛି । କାହାରିକି ସେ ଆପଣାର କରି ପାରିନି । କେହି ବି ତାକୁ ଆପଣାର କରିବା କଥା ଚିନ୍ତା କରିନାହାନ୍ତି । ନିଜର ପତ୍ନୀର ମୁହଁରେ ସେ ଯେଉଁ ତୃପ୍ତି ଲକ୍ଷ କରିଛି, ତା ସେ କେବେ ସେମାନଙ୍କ ନିକଟରେ ଲକ୍ଷକରି ନଥିଲା । ବୀଣା ବା ସେଥିରୁ ବାଦ ଯିବ କାହିଁକି ? ଦୁଇଦିନ ଲାଗି କୁଣିଆ କରିବାକୁ ଚାହୁଁଛି ।

ବୀଣାର ସୌନ୍ଦର୍ଯ୍ୟରେ ବିଶ୍ୱନାଥ ଆତ୍ମମୁଗ୍ଧ ସତ୍ୟ ଏବଂ ମୋହିତ ହୋଇଛନ୍ତି । ବୀଣାର ରୂପାଗ୍ନି ତାର ମନକୁଟୀରକୁ ଜାଳି ପୋଡ଼ି ଦେବାକୁ ଲାଗି ଲାଳସା ଜିହ୍ୱା ବିସ୍ତାର କରି ଅପେକ୍ଷା କରିଛି । ଏକଦିଗରେ ବୀଣାର ମୋହ, ଅନ୍ୟ ଦିଗରେ ନିଜର ଦାମ୍ପତ୍ୟସୁଖର

ପରିବାର । ବନ୍ଧୁ ଭକ୍ତ ନାମ୍ବର ରୂପ ନିକଟରେ ଆତ୍ମସମ୍ମାନ ଆତ୍ମଶାନ୍ତିର ବଳିଦାନ ବିଶ୍ୱନାଥ ପସନ୍ଦ କରେନି ।

ବିଶ୍ୱନାଥ ନିଜେ ଗମ୍ଭୀର ହୋଇଛି । ବୀଣାର ଚପଳାମୀର ସାହାଯ୍ୟ କରି ତାର ପ୍ରବୃତ୍ତି ନିୟନ୍ତ୍ରିତ କରିବା ଲାଗି ସେ କାମନା ରଖିନି । ଯଥାସମ୍ଭବ ବୀଣାର ଇଚ୍ଛାକୁ ମନା କରି ପାଳୁଛି ।

ବୀଣା ବିଶ୍ୱନାଥର ଦୁର୍ବଳତା ଲକ୍ଷ କରେ । ଆଶା ନିରାଶାର ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସେ ବିଚଳିତା ହୁଏ । ତାର ପ୍ରଣୟ ନିବେଦନ କଣ ବିଫଳ ହେବ ? ସନ୍ଦେହ ହୁଏ ତାର । ପୁରୁଷ ସର୍ବଦା ନାରୀକୁ ଉତ୍ତେଜିତ—ଉଦ୍ବେଳିତ କରାଏ । ପ୍ରଣୟୀ ମୁଖରୁ ପ୍ରେମକଥା ଶୁଣିବା ପାଇଁ ଶତଚେଷ୍ଟା କରେ । କଟାକ୍ଷ ଘାତରେ ହୃଦୟ ଚମକେ । କିନ୍ତୁ ବୀଣା ଏକ ବ୍ୟତିକ୍ରମ ।

ବିଶ୍ୱନାଥ ବୀଣାକୁ ପିଲାଦିନୁ ଦେଖିଛି । ତାର ଶାରୀରିକ ରୂପଶ୍ରୀ କ୍ରମ ବିକାଶ ଲୁବ୍ଧ ନୟନରେ ଲକ୍ଷ କରିଛି । ଅପରିଣତ ବୟସର ମାନସ ପ୍ରତିମା ଆଜି ତାର ଏକାନ୍ତ ନିକଟରେ, ତଥାପି ବିଶ୍ୱନାଥ ଆଜି ତୁଷ୍ଟିକ ପ୍ରଥର କରୁଛି । ତା ଦୃଷ୍ଟିରେ ପ୍ରେମ ଓ ବିବାହ ଦୁଇଟି ସ୍ୱତନ୍ତ୍ର ବ୍ୟବସ୍ଥା । ବୈବାହିକ ଜୀବନରେ ଶୃଙ୍ଖଳ ଅଶୋଭନୀୟ, ଅସୁନ୍ଦର ।

କେବେଳ କେବେଳ ବୀଣା ବିଶ୍ୱନାଥର ନୀରବତାରେ ଅସନ୍ତୁଷ୍ଟ ହୋଇ ଉଠେ । ଅବାନ୍ତର ପ୍ରଶ୍ନ ପଚାରି ବସେ । ମେସିନ୍ ବନ୍ଦ କରି ଆଗକୁ ଝୁଙ୍କି; ଓଠରେ ସ୍ମିତହାସ୍ୟ ଫୁଟାଇ କହେ—କଣ ଭଲ ଲାଗୁନି ? ଚା ଟିକିଏ ଆଣିବି ?

ବିଶ୍ୱନାଥର ଉତ୍ତର ଶୁଣୁ ନଶୁଣୁ ବୀଣା ତଳକୁ ଯାଇ ହାତେ ହାତେ ଚା କପେ ତିଆରି କରି ନେଇଆସେ । ଚା କପ୍ ନିଃସୃତ ଧୂମଶିଖା ସଙ୍ଗେ ବିଶ୍ୱନାଥର ଚିନ୍ତାଧାରା ଧୂଆଁଳିଆ ହୋଇଯାଏ—

ପ୍ରେମ ଯଦି ସ୍ୱର୍ଗୀୟ, ସ୍ୱର୍ଗ ଯଦିଥାଏ ତାର ସତ୍ତା କଣ ବିଶ୍ୱନାଥ ବୁଝିପାରିବେନି ? ସ୍ୱର୍ଗ ଯଦି ଦେବତା ଓ ସୁନ୍ଦରୀ ଅପ୍ସରା ମାନଙ୍କର କ୍ରୀଡ଼ାଭୂମି ହୋଇଥାଏ, ତେବେ ସ୍ୱର୍ଗର ଆଦର୍ଶ ମାନବ ପକ୍ଷେ ଅହିତକର—ଅବାଞ୍ଛିତ ।

ବିଶ୍ୱନାଥ ଚିନ୍ତାକରେ ଦୂର ଅତୀତର କଥା—ତାକୁ ହେଉଥାଏ ଷୋହଳର ବୟସ । ନିଶଦାଢ଼ି ଉଠି ନଥାଏ । ଚିକ୍କଣିଆ ଚିବୁକଖଣ୍ଡରେ ହସର ଲହରି ଛୁଟେ । କଥା କଥାକେ ଚାଞ୍ଚଲ୍ୟ ଓ ପରିହାସର ସଙ୍କେତ । ପ୍ରାକ ଯୌବନର ଅସଂଯତ ଭାବଭଙ୍ଗୀ । ଗ୍ରାମ୍ୟ ବାଳିକା ପ୍ରିୟ ପର୍ବମାନଙ୍କରେ କଇଁଫୁଲ ତୋଳି ସେ ହୁଏ ଆଦୃତ । ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଅବକାଶିତା ଯୁବତୀ ମାନଙ୍କୁ ମନଭରି ଉପଭୋଗ କରି ପାରୁଥିଲା । ସେତେବେଳେ ଥିଲା ଅଦମ୍ୟ ସାହାସ, ନଥିଲା ସାମାଜିକ କଟକଣା ଓ ପାରିବାରିକ ଦାୟିତ୍ୱ ।

ସ୍ଥିର ସଂଯତ ଜୀବନ ଏବେ ତାର ସୁନ୍ଦର ସୁଖମୟ ହୋଇଛି । ପ୍ରେମ ମଦିରାପାନ କରି ସେ ମାତାଲ ହେବାକୁ ଚାହେଁନା ।

କିନ୍ତୁ ମିଳନପିପାସୀ ବଣାକୁ କରିଛି ତୃଷାର୍ତ୍ତ । ସେ ବୁଝୁନି ସାମାଜିକ କଟକଣା । ମନ ହୃଦୟ ତାର ଚିତ୍କାର କରୁଛି । ଦିନକର ଘଟଣା ଦୁହିଁଙ୍କୁ ଚମକିତ କରିଦେଲା । ସେଦିନ ସକାଳ । କାର୍ତ୍ତିକ ମାସର ଶୀତଯୋଗୁ ଗାଁ ରାସ୍ତା ନିସ୍ତବ୍ଧିଆ । ବଣା ଘରୁ ଉଠି ଚାହିଁଛି ବାହାରକୁ । ବାହାରେ ବିଶ୍ୱନାଥ ତା ଦାଣ୍ଡ ବାରଣ୍ଡାରେ ଠିଆ ହୋଇଛି । କାଖରେ ତାର ପ୍ଲେଟ ଝିଅ । ବଣା ଅପଲକ ନୟନରେ ସେଇଆଡ଼େ ଛିଁ ଚାହିଁଛି । ଏତେ ସକାଳୁ ବଣାର ବାପା ଆସି ଦେଖିଲେ—ବଣା ଝରକା ପାଖରେ ନିଷ୍ଫଳଭାବରେ ଠିଆ ହୋଇଛି । ପାଖକୁ ଯାଇ ଦେଖିଲେ—ବିଶ୍ୱନାଥ ଙ୍କୁ ବଣାର ଲକ୍ଷ୍ୟ ।

ବୀଣାର ଅଲକ୍ଷରେ ଫେର ଆସିଲେ । ମନରେ ତାଙ୍କର ସନ୍ଦେହ— ଝିଅ ତାଙ୍କର ବର୍ତ୍ତମାନ ସ୍ଥିତିଠାରୁ ଦୂରରେ ଅଛି । ମନ ତାଙ୍କର ପାପ ଛୁଇଁଲା । ସାଙ୍ଗେ ସାଙ୍ଗେ ଆସି ସ୍ତ୍ରୀଙ୍କୁ କହିଲେ ବୀଣାର ସିଲେଇ ଶିକ୍ଷା ବନ୍ଦ କରିଦେବା ଲାଗି । ବୀଣାର ବୋଉ ଖୁସି ହେଲେ । ଏଣିକି ଅନ୍ତତଃ ବୀଣା ତାଙ୍କୁ କଛିତ କାମରେ ସାହାଯ୍ୟ କରିବ । ବୀଣା ତା ମାନଭଙ୍ଗୀରୁ ବୁଝିଲା ଏ ପ୍ରସ୍ତାବର ଉଦ୍ଦେଶ୍ୟ ।

ମାର୍ଗଶୀର ଅପରାହ୍ଣ । ଅସ୍ତାଚଳ ନିକଟରେ ସୂର୍ଯ୍ୟ ତର ତର ହେଉଛନ୍ତି ବିଦାୟ ନେବାଲାଗି । ବୀଣା ନିଜ ଶୋଇବା ଘରେ ଚୁପ ହୋଇ ବସିଛି । ଗୋରା ମୁଖ ମଣ୍ଡଳରେ ମଳିନତାର ସ୍ପଷ୍ଟ ଆଭାସ । ଘାତ ପ୍ରତିଘାତ ମଧ୍ୟରେ ହୃଦୟ ଦୃଢ଼ ହୁଏ, ମନର ସାହାସ ବଢ଼େ, ବିଦ୍ରୋହ କରି ମନର ମଣିଷକୁ ଆପଣାର କରିବାକୁ ଇଚ୍ଛାହୁଏ । ବିଶ୍ୱନାଥର ଅନୁପସ୍ଥିତି ବୀଣାର କୋମଳ ତନୁରେ ଦେଉଛି ଗୁରୁ ଆଘାତ, ସ୍ୱାମୀ ତାର ସୁନ୍ଦର ଶିକ୍ଷିତ ଭଦ୍ର ତଥାପି ବିଶ୍ୱନାଥର ଆସନ ବୀଣାର ହୃଦୟରେ ଅତି ଉଚ୍ଚରେ । ବୀଣାଜାଣେ ବିଶ୍ୱନାଥ ସ୍ଥିର ସଂଯତ । ଭୁଲରେ ସେ ବୀଣାର ଅଙ୍ଗ ସ୍ପର୍ଶ କରିନ ପାରିଲେ ପଦାର୍ଥ ପ୍ରତି ଲୋଭ ଉଦେଇନ, ମମତା ଉଦେଇନି, ନପାଇବା ପର୍ଯ୍ୟନ୍ତ ମନ ଛଟପଟ ହେଉଥାଏ । ବିଶ୍ୱନାଥର ଉଚ୍ଚ ଆଦର୍ଶ ବୀଣାକୁ ଦୁଃଖିନୀ କରୁଏ, ଅନ୍ୟଥା ବିଶ୍ୱନାଥ ଦୋଷୀ ହେଇଛି ।

"ମୁଁ ତମକୁ ଭଲ ପାଏ" । ତମେ 'ସୁନ୍ଦରି' ଇତ୍ୟାଦି ଦସ୍ତା ଖୋସାମତି ବିଶ୍ୱନାଥ କରନ୍ତି, କଥା କହୁଁକେ ହସିଯାଇ ବୀଣାକୁ

ଆପଣାର କରିବାକୁ ଚେଷ୍ଟା କରନ୍ତି । ଗର୍ଭ ଅବସ୍ଥାରେ ସେମାନେ ଯେ ସନ୍ଦେହର ପାତ୍ର ହେଲେ ଏଥିପାଇଁ ବୀଣାଦୁଃଖିତା ହାସ୍ୟମୟୀ ବାଣୀ । ଅଳ୍ପ ମୃଦୁ ।

ବୀଣାର ସାନଭଉଣୀ ବାଣୀ ଅପାର ଏ ଗମ୍ଭୀରତାରେ ବିସ୍ମିତା ହୋଇଛି । ସେ ପ୍ରଥମରୁ ହିଁ ବିଶ୍ୱନାଥଙ୍କୁ ଲକ୍ଷକରୁଛି, ବୀଣାକୁ ଲକ୍ଷକରୁଛି କିନ୍ତୁ ଦେଖିନି କୋଉଦିନ କୌଣସି ବ୍ୟତିକ୍ରମ ।

ବାଣୀ ଚଉଦ ବରଷର ଝିଅ । ଶ୍ୟାମଳ ହେଲେବି ସୁଗଠିତା ଯୌବନର ପାଦଦେଶରେ ପହଞ୍ଚି ସେ କଳ୍ପନା କରେନି ବିବାହ ଚଉଠି ଘଣ୍ଟ । ହସ ଖେଳ କଟେଇ ଦେବାର ତାର ଅବସର । କୁମାରୀ ଜୀବନ ସୁଖମୟ, ସରସ ଆଉ ଉପଭୋଗ୍ୟ ଜୀବନରୂପୀ ଖଣ୍ଡି ନିକଟରେ ଠିଆହୋଇ ଅଗ୍ରାଟକୁ ଝୁଙ୍କିବାରେ ଅଛି ମାଦକତା ନିଜର ଶାରୀରିକ ପରିବର୍ତ୍ତନକୁ ଲକ୍ଷ୍ୟକରିବାରେ ଅଛି ଆଗ୍ରହ ।

ବୀଣାର ତନ୍ମୟତା ଭଙ୍ଗ କରି ବାଣୀ ଉଚ୍ଚସ୍ୱରରେ କହିଲା— ଆସିଲେଣି ନୋ ନାନୀ ।

ଚମକି ଉଠିଲା ବୀଣା । ହସି ହସି ବାଣୀ ଖଟ ଉପରେ ଲୋଟିଗଲା । ହରିଣ ଚପଳ ପାଦାଘାତ ଝରଣାର ପରି ସ୍ୱଚ୍ଛନ୍ଦ ବିହାରିଣୀ ବାଣୀ । ହସର ଜୁଆର ଉଠେଇ କହିଲା— ତୋର ସେଇମ ।

ବିରକ୍ତରେ ବୀଣା କହିଲା—କଲୋ ପ୍ରେୟସୀ, ଉମିଭ କାନ୍ଦିକ ହହତ୍ ।

ପୁଣି ସେଇ ଉଛୁଳା ହସ—ମୁ କଣ ତୋର୍ ଭାଗ ନେଇ ଯାଉଚନ୍ତିଲେ ? ତୋର ତ ସେ ଗୋଟାକଯାକ । ପୁଣି ହସି ହସି ବାଣୀ ଲୋଟିଗଲା ବୀଣାର କୋଳରେ । ତା ଅଣ୍ଟାରେ ହାତ ଦୁଇଟି

ସ୍କୁଲରେ ଆଜି କହିଲା—ଅସା ଚଟେ ସେ କଣ ଭଲ ମ୍ୟାଗାଜିନ ? ବେଶ୍ ସୁନ୍ଦର ।

ବାଣୀ ମନର କେଉଁ ନିଭୃତ କୋଠରୀର ଗୁପ୍ତଧନ ପ୍ରକାଶିତ ହୋଇଗଲା—ସେତ ନିଶ୍ଚୟ ଭଲ, ବହୁତ ପାଠ ପଢ଼ିଛନ୍ତି ; ସୁନ୍ଦର ସ୍ୱାସ୍ଥ୍ୟବାନ କିନ୍ତୁ ଉଦାସ ।

ଉଦାସୀନତା ପ୍ରାଣରେ ଆଣେ ଅବସାଦ ଆଉ ନିରୁତ୍ସାହିତା । ସଂଯୋଗ ଲାଗିସି ବାଣୀର ମନରେ ରାମକୃଷ୍ଣର ଔଦାସୀନ୍ୟ ସୃଷ୍ଟି କରେ ବି ଅଶାନ୍ତି ଆଉ ବିରକ୍ତି ।

ପୁଣି ବାଣୀର ଚପଳାମି କଣ ଏତେ ଭାବୁଚୁନ, ଏ ସୁନୁ ? ବୋଉ ପ୍ରଶ୍ନ ଉଠେଇଛି ।

ବିଶ୍ୱନାଥ ସ୍ତ୍ରୀ ସିଟଲର ଟିଷା ନେହେବାର ପ୍ରଶ୍ନକଲେ ଉତ୍ତର ଦିଅନ୍ତି—ଗୃହମାସ ପାଇଁତ କଥାଅଛି । ସୁନୀଳା ସ୍ତ୍ରୀ ବିଶ୍ୱନାଥ କଥାରେ ବିଶ୍ୱାସ କରେ । ମନେ ମନେ ଭାବେ ଭଲ ହେଲା ।

ଟଶିଷର ବାହାରଟା ଦେଖି ସମସ୍ତେ ଅନୁମାନ କରନ୍ତି ଅନେକ କଥା । ଅନେକ ମନ୍ତବ୍ୟ ବି ପ୍ରକାଶ କରନ୍ତି । କିନ୍ତୁ ମନ ଭିତରଟା ଏକ ଅବୋଧ କାବ୍ୟ । ବିଶ୍ୱନାଥର ବନ୍ଧୁମାନେ ଖୁସି ହେଉଛନ୍ତି—କାର୍ଡ଼ ଖେଳଟା ଏଥର ଜମିବ । ବିଶ୍ୱନାଥର ପିଲାଏ ଖୁସି—ସନ୍ଧ୍ୟାବେଳେ ବାପାଙ୍କ ପାଖରେ ବସି ଖୁଦିତପ କରିହେବ । ସ୍ତ୍ରୀ ବି ଖୁସି—ପାଖରେ ବସି ଅନ୍ତତଃ ଖୁଦିଗପ କରିହେବ ।

ଶଯ୍ୟନ କକ୍ଷରେ ସ୍ତ୍ରୀର ସ୍ପର୍ଶାଶା ପ୍ରଥମ ଯୌବନରେ ଅତି ପୀଡ଼ାଦାୟକ । ପ୍ରାଣ ଖୋଜୁଥାଏ ନିବିଡ଼ ଆଶ୍ଳେଷ, କିନ୍ତୁ ପାରିବାରିକ ଜଂଜାଳ ସୃଷ୍ଟି କରେ ପ୍ରତିବନ୍ଧକ ।

ବୀଣା ଜେଜେଣେ ରୋଷେଇ ଘରପାଖ ବାରଣ୍ଡାରେ ବସିଛି । ସ୍ୱାମୀର ମିଳନ ଆଶାରେ ସ୍ମୃତିରେ ତାର ସ୍ପନ୍ଦନ । ରାମକୃଷ୍ଣ ସଙ୍ଗେ ବୀଣାର ପରିଚୟ ଆଜିର ନୁହେଁ ଅନେକ ଦିନର । ଅପରିପକ୍ୱ ବୟସରୁ ପରସ୍ପର ପରିଚିତ । ରାମକୃଷ୍ଣ ପ୍ରଥମ ଦର୍ଶନରୁ ହିଁ ବୀଣାକୁ ଭଲପାଇଥିଲା ଏବଂ ପରେ ତାକୁ ହିଁ ବିବାହ କରିଥିଲା । କିନ୍ତୁ ବିବାହ ପୂର୍ବରୁ କେବେ ନିରୋଳା ସାକ୍ଷାତରେ ପାର୍ଶ୍ୱ ସମସ୍ତ ଆଳାପ ମଧ୍ୟରେ ନିଜର ଦୁର୍ବଳତା ପ୍ରକାଶ କରିନଥିଲା । ଜାଣିଶୁଣି ବୀଣାକୁ ସ୍ପର୍ଶ କରିନଥିଲା । ଶରୀରରେ ତାର କଦମ୍ବଫୁଲ ସୃଷ୍ଟି କରିନଥିଲା । ବୀଣାର କୋମଳ ଅଙ୍ଗଲତାରେ ବୁଝାଇ ନଥିଲା ପ୍ରୀତି ଚହଁଟ ।

ରାମକୃଷ୍ଣ ବୀଣା ଭାଇର ଅନ୍ତରଙ୍ଗ ବନ୍ଧୁ ଏବଂ ତାର ଏ ପରିବାର ସହିତ ସଂପର୍କ ପୁରାତନ । ତାର ଉପସ୍ଥିତିରେ ବୀଣା ପ୍ରାଣରେ ଉଠିଥିଲା ପ୍ରଣୟ ଝଂକାର । ଆଜି ସେ ଚାହୁଁଥିଲା ଚୁପ୍ ଚୁପ୍ ଦୁଃଖସୁଖ ଆଉ ନିବିଡ଼ ଆଶ୍ଳେଷ । କିନ୍ତୁ ଗମ୍ଭୀର ରାମକୃଷ୍ଣ ଚାହୁଁନଥିଲା ଅସାମାଜିକ ଚଳଣି । ବିବାହ ପୂର୍ବରୁ ବୀଣା ସଙ୍ଗେ ମିଶି ସେ ଚାହୁଁନଥିଲା ଦୁଇ ପରିବାରରେ ବୁହାଇବାପାଇଁ ଅକାଳ ଝଡ଼ । ବିବାହପରେ ରାମକୃଷ୍ଣ ବନ୍ଧୁ ଓ ବୋହୂକୁ ସମାନ ଅଧିକାର ଦେଇଥିଲା । ଉଭୟଙ୍କୁ ସେ ଭଲ ପାଉଥିଲା । ବୀଣା କିନ୍ତୁ ଭୁଲ ବୁଝିଥିଲା । ସାମୟିକ ବିରହରେ ଭାଙ୍ଗିପଡ଼ ବିଶ୍ୱନାଥକୁ ଆପଣାର କରିବାକୁ ଚାହୁଁଥିଲା ।

ବୀଣା ଚାହୁଁଥିଲା ବିଶ୍ୱନାଥ ଓ ରାମକୃଷ୍ଣକୁ ନିଜର ନିହାତି ନିକଟରେ ରଖିବାପାଇଁ । ଦୁହିଁଙ୍କ କାମନା ସେ ପୂରଣ କରିଆନ୍ତା ।

ରାମକୃଷ୍ଣଠାରୁ ପାଉଥିଲା ଅର୍ଥନୈତିକ ସ୍ୱଚ୍ଛଳତା ଆଉ ସ୍ୱାମୀ ସୁଲଭ ସ୍ନେହ ଆଦର । ବିଶ୍ୱନାଥଠାରୁ ପାଉଥିଲା ଶାରୀରିକ ଜୀବନର ଶାନ୍ତବାରି । କିନ୍ତୁ ବିଶ୍ୱନାଥର ଅନୁପସ୍ଥିତି ଏବଂ ଔଦାସିନ୍ୟ ବୀଣାକୁ ବାଟକୁ ଫେରେଇ ଆଣିଛି । ବୀଣାର ଅନ୍ତରରେ ଏବେ କେବଳ ରାମକୃଷ୍ଣଙ୍କ ପ୍ରତିବିମ୍ବିତ

ବୀଣା ଉଠିଲା । ବୋଉ ଖୁଡ଼ୀ ତାର ଶୋଇବାକୁ ଗଲେଣି । ରାତି ବଢ଼ି ଆସୁଛି । ଚନ୍ଦ୍ର ପଶ୍ଚିମ ଆକାଶ କୋଳରେ କେତେବେଳୁ ଢଳେଇ ପଡ଼ିଲେଣି ।

ମଣିଷ ସାମାଜିକ ପ୍ରାଣୀ ତେଣୁ ବେଳେ ବେଳେ ବାଧ୍ୟ ହୋଇ ସାମାଜିକ ନୀତି ମାନେ । ସାମାଜିକ ରାଜପଥ ହେଉଛି ଶୃଙ୍ଖଳିତ ମଣିଷ କୃତ ଆଇନ ବେଲର୍ । ସାମାଜିକ ପରଦାନ୍ତରାଳରେ ଯାହା କିଛି ଘଟି ଯାଉଛି ତାର ହିସାବ ଖାତା ନାହିଁ ।

ବୀଣା ଘରଭିତରର ନୀରବତା ଲକ୍ଷ କରି ରାମକୃଷ୍ଣ ନିକଟକୁ ଗଲା ।

ରାମକୃଷ୍ଣ ନିଜର ଉଚ୍ଚ ଶିକ୍ଷାର ମୋହରେ ପାଗଳ । ସମାଜରେ ସୁପ୍ରତିଷ୍ଠିତ ସ୍ଥାନ ଅଧିକାର କରିବା ନିମନ୍ତେ କରୁଛି ସେ ଅକ୍ଲାନ୍ତ ଚେଷ୍ଟା । ବୀଣାକୁ ଭଲପାଏ କିନ୍ତୁ ବୁଝିବାକୁ ଚେଷ୍ଟା କରେନି ତାର ମନ କାବ୍ୟର ଅବୋଧ ଅପ୍ରକାଶିତ ଅର୍ଥ ।

ବୀଣା ଆସିବା ପୂର୍ବରୁ ଏକାକୀ ବସି ବସି ଅଡୁଆ ଲାଗିବାରୁ ବୀଣାକୁ ଟେବୁଲ ଉପରେ ଥିବା ବହି ଗୁଡ଼ିକ ଏପଟ ସେପଟ କରୁ କରୁ ଖଣ୍ଡେ ସାଦା କାଗଜ ପାଇଲା । ସେଥିରେ କେବଳ ଦୁଇଟି ଶବ୍ଦ ଲେଖାଅଛି ଚିଠିର ଆରମ୍ଭ ପରି ଜଣା ପଡ଼ୁଛି । କାଗଜ ଖଣ୍ଡିକର ପ୍ରଥମରୁ ଲେଖା ଅଛି—ସ୍ନେହର ବିଶ୍ୱନାଥ ବାବୁ । ଆଉ କିଛି

ଲେଖା ନାହିଁ । ବାଣୀ ଲେଖିବ ଚିଠିଟି ଆରମ୍ଭ ହୋଇ ବନ୍ଦ ହୋଇ ଯାଇଛି ।

ରାମକୃଷ୍ଣ ଅସ୍ୱସ୍ତି ଅନୁଭବ କଲା । ବାଣୀ ତାର ଧର୍ମପତ୍ନୀ, ବିଶ୍ୱନାଥ ପାଖକୁ କାହିଁକି ଚିଠି ଲେଖିବ ? ତା ନିମିତ୍ତ ଗ୍ରହଣ କରି ନେବା ନିମନ୍ତେ ରାମକୃଷ୍ଣ ପ୍ରସ୍ତୁତ ନୁହେଁ । ବିବାହିତା ପତ୍ନୀ ଉପରେ ସ୍ୱାମୀର ଷୋଳପଣ ଅଧିକାର । ତାର ସେ ଏକାନ୍ତ ଆପଣାର ।

ରାମକୃଷ୍ଣ ଭାବୁଥିଲା ଅନେକ କଥା । ଅତୃପ୍ତା ରମଣୀ ଶାଶୂ, ଶ୍ୱଶୁର, ସ୍ୱାମୀ ଏବଂ ବନ୍ଧୁ ପରିଜନଙ୍କ ଅଗୋଚରରେ ତୃପ୍ତି କରେ ନିଜର କାମନା ଏକାନ୍ତ ଗୋପନରେ ଯେ ଧରାପଡ଼େ ସେ ହୁଏ ସମାଜଚ୍ୟୁତ । କିନ୍ତୁ ଯେ ଲୁଚେଇ ପାରେ ସେ ନିଜର ସତୀତ୍ୱର ବାହାଦୁରୀ ନିଏ । ସ୍ୱାମୀର ମୁଣ୍ଡ ଛୁଇଁ ଶପଥ କରିବାକୁ ପଛେଇ ଯାଏନି ।

ଦୁଃଶ୍ଚିନ୍ତାର ଅନ୍ଧକାର କ୍ରମେ ଆପାଦ ମସ୍ତକ ତାର ଗ୍ରାସିଲା ହୋଇଗଲ । ହୃଦୟ ସାଗରରେ ସନ୍ଦେହ ନିମିତ୍ତ ଅଶାନ୍ତ ବୋମା ବିସ୍ଫୋରଣ ହେଲା । ବାଣୀର ସରଳ ସୁନ୍ଦର ମୁଖମଣ୍ଡଳରେ ଯେ ବିଷକୁମ୍ଭ ଆସ୍ଥାନ ଜମେଇ ପାରିବ ରାମକୃଷ୍ଣ ସେକଥା କଳ୍ପନା କରି ପାରୁନଥିଲେ ।

ରାମକୃଷ୍ଣର ମନ କୈଳାସରେ ଘୃଣାର ତାଣ୍ଡବ ଆରମ୍ଭ ହେଲା । ସେ ତଡ଼ିତ୍ ବେଗରେ ଟେବୁଲ ନିକଟରୁ ଉଠି ଚାହିଁ ଦେଖିଲା, ବାଣୀ ଦୁଆର ମୁହଁରେ ଠିଆ ହୋଇଛି । ବାଣୀର ନାଲି ଓଠ, ସରୁ ନାକ, ଚିକ୍କଣ କପାଳ, ଲୋଭନୀୟ ସ୍ୱାସ୍ଥ୍ୟ ଏବଂ କମନୀୟ ପରିପାଟୀ ଆଦି ରାମକୃଷ୍ଣ ହୃଦୟରେ ସମ୍ମାନର ସହିତ ଗୃହୀତ ହୋଇ ପାରିଲାନି । ହସ ତାର ବିଦ୍ରୂପ ଭରି ବୋଧ ହେଲା । ରାମକୃଷ୍ଣ

କିଂକର୍ତ୍ତବ୍ୟବିମୂଢ଼ ହୋଇ ବୀଣାର ମୁହଁକୁ ଚାହିଁ ରହିଲା । ବୀଣା ହସି ହସି କହିଲା—କଣ ଏତେ ଦେଖୁଚ ?

ରାମକୃଷ୍ଣର ସ୍ୱଭାବ ଗମ୍ଭୀର ମୁଖ ଆଜି ବୀଣାକୁ ଗମ୍ଭୀର ଦେଖାଗଲା । ସେ ମନେ ମନେ ବିପଦ ଗଣିଲା । ପାଖକୁ ଯାଇ କିଛି କହିବା ପୂର୍ବରୁ ଦେଖିଲା—ରାମକୃଷ୍ଣ ହାତରେ ସେଇ କାଗଜ ଖଣ୍ଡିକ । ମୁହୂର୍ତ୍ତକ ମଧ୍ୟରେ ବୀଣା ହୃଦୟରେ ସଞ୍ଚରିଗଲା ଘଟଣାର ଗୁରୁତ୍ୱ ।

ଅବସ୍ଥାକୁ ସମ୍ଭାଳି ନେବା ଲାଗି ବୀଣା କହିଲା—ଏଇଥିପାଇଁ ଏତେ ଗମ୍ଭୀର ? ଆସ ମୁଁ ବୁଝାଇ ଦେଉଛି ।

ରାମକୃଷ୍ଣ ପୁରୁଷର ଅହମିକା ଧରି ବୀଣାର କଥା ଶୁଣିବାକୁ ପ୍ରସ୍ତୁତ ନଥିଲା । ଈର୍ଷାର ପରିବର୍ତ୍ତେ ଅହଂକାରତା ବେଶୀ ମାତ୍ରାରେ ତାର ମନ ରାଜ୍ୟକୁ ଦଖଲ କରି ସାରିଥିଲା । ସେ ଅପେକ୍ଷା ନକରି ହଠାତ୍ କହିଲା—ବାପଘରେ ରହି ଯଦି ସୁଖ ପାଇବାକୁ ଇଚ୍ଛା, ତେବେ ମୋର ଆପତ୍ତି ନାହିଁ ।

ବୀଣା କିଛି କହିବା ପୂର୍ବରୁ ରାମକୃଷ୍ଣ କକ୍ଷ ତ୍ୟାଗ କରି ଚାଲିଗଲା ।

ଗୋପା କ୍ରନ୍ଦନ ଶୁଣି ବାଣୀର ନିଦ ଭାଙ୍ଗି ଗଲା । ରାତ୍ର ସେତେ ବେଳକୁ ପ୍ରାୟ ପାହି ଆସିଲାଣି । ବାଣୀ ଦେଖିଲା ତାର ପାଖରେ ଶୋଇ ସାଣା କାନ୍ଦୁଛି । ବହୁଦାକ ସେ କାନ୍ଦର । ଆଜ

ସେପରି ତାର କାନ୍ଦ ବନ୍ଦ ହେବାର ନୁହେଁ । ବୁକ ବେଦନା ଉଚ୍ଛୁଳି ହେଲା ଲଗାମ ଛିନ୍ନ ଅଶ୍ୱ ପରି ଦୌଡ଼ି ଯାଉଛି ତାର ଲୁହ । ବାଣୀ କାନ୍ଦି କାନ୍ଦି ଢଳି ପଡ଼ି ଗଲାଣି । ପୋଟଳ ଚିରା ଆଖି ଦୁଇଟି ତାର ଗେଣ୍ଡା ପରି ଫୁଲି ଗଲାଣି ।

ବାଣୀ ସଳଖ ହୋଇ ଉଠି ବସିଲା । କିନ୍ତୁ ସେ କଳ୍ପନା କରିପାରୁନ ହଠାତ୍ । କାହାର ସମ୍ବଳ ଅଶ୍ରୁ । ଦୁଃଖ ଦୁର୍ବିପାକ ଝଡ଼ ଝଞ୍ଜାର ଆଘାତ ସହ୍ୟ କରିବା ଯେତେବେଳେ କାହାପକ୍ଷେ ଅସମ୍ଭବ ହୋଇ ଉଠେ ସେତେବେଳେ ସେ ନିଜକୁ ନିସ୍ସହାୟ ମନେକରେ ବୁହାଏ କେବଳ ନୟନରୁ ଅଶ୍ରୁଧାର । ଦୁଃଖ ରାଶି ଅଶ୍ରୁଧାରରେ ଭୁସୁଡ଼ି ପଡ଼େ । କ୍ଳାନ୍ତ ହୋଇଗଲେ ଘୁଏଁ ଘୁଏଁ କମି ଆସେ କ୍ରନ୍ଦନର ଗତି ଆଉ ନିସ୍ତେଜ ହୋଇ କମିଯାଏ ଦୁଃଖ ।

ପୁତ୍ର, କନ୍ୟା, ସ୍ୱାମୀ, ସ୍ତ୍ରୀ ଧରି ସଂସାର ବାନ୍ଧିଥିଲେ ନାରୀ ଓ ପୁରୁଷଙ୍କୁ ବେଳେବେଳେ ସହିବାକୁ ହୁଏ ସାମାଜିକ କଷାଘାତ । କିଏ ସାହାସ ବାନ୍ଧି ସହିବାକୁ ଚେଷ୍ଟାକରେ । କିଏ ଦୁଃଖରେ ଭାଙ୍ଗି ପଡ଼ି ଝରାଏ ଲୋତକ । ଅନ୍ୟର ଲୋତକ ଧାର କରୁଣାଶୀଳଙ୍କ ପ୍ରାଣରେ ସୃଷ୍ଟି କରେ ସମବେଦନା ଆଉ ତାର ପରିବର୍ତ୍ତେ ଅନ୍ୟମାନଙ୍କ ଆଖିରୁ ବହେ ଅଶ୍ରୁ । କାନ୍ଦିଲେ ଦୁଃଖ କମେ ।

ବାଣୀ ଆଖି ପୋଛି ଉପରକୁ ଚାହିଁ ଦେଖିଲା ରାମକୃଷ୍ଣ ଚାଲିଯିବା ଲାଗି ପ୍ରସ୍ତୁତ ହେଇଗଲେଣି । ଏତେବେଳକୁ ଅନୁମାନ କଲା ଅନେକ କିଛି । ବାଣୀ ଆତଙ୍କିତା ହେଲା । ରାମକୃଷ୍ଣଙ୍କୁ ଦେଖିଲେ ପଗଲୀ ବାଣୀର ମୁହଁରେ ବାଡ଼ବତା ରହୁନଥିଲା । କିନ୍ତୁ ରାମକୃଷ୍ଣଙ୍କର ଗମ୍ଭୀର ମୁଖଦେଖି ବାଣୀ ମୂକ ପରି ଠିଆ ହୋଇ ରହିଲା ।

ରାମକୃଷ୍ଣର ଆକସ୍ମିକ ବ୍ୟବହାରରେ ପରିବାରଟି ଉପରେ ଅଶାନ୍ତିର ଢେଉ ଖେଳିଗଲା । ଜଣାଗଲା ଯେପରି ସମସ୍ତଙ୍କର ବୟସ ପାଞ୍ଚ ଦଶ ବର୍ଷ ବଢ଼ିଯାଇଛି । ବୀଣାର ବାପାଙ୍କ ମନନୟନରେ ପ୍ରତିବିମ୍ବିତ ହେଲା ସେଇଦିନର ସେଇ ଦୃଶ୍ୟ—ବୀଣା ଓ ବିଶ୍ୱନାଥଙ୍କୁ ରୁହିଁ ଝରକା ପାଖେ ଠିଆ ହୋଇଥିଲା । ଅତସକାକୁ ମୁହଁରେ ଝୁଲୁଥିଲା ଚେନାଏ ହସ । ରାଗରେ ଫୁଲି ଉଠିଲେ ବୀଣାର ବାପା । ବୀଣାର ବୋଉ ସାନ୍ତ୍ୱନା ଦେଇ କହିଲେ—ଏଇଥିରେ କ'ଣ ମୋ ଝିଅର ଇଜ୍ଜତ ନଷ୍ଟ ହୋଇଗଲା ?

ବୀଣା ସରଳ । ବୋଉର କୋଳ ଭିତରେ ମୁହଁ ପୂରେଇ କେବଳ କାନ୍ଦିବାକୁ ଲାଗିଲା ।

ହଇଲେ ତୁ ମରୁନୁ । ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସୁନ୍ଦର ଶିକ୍ଷିତ ଧନୀ ଯୁବକ ହସ୍ତରେ ଅର୍ପଣ କରାଯାଇ ଥିଲା କଣ ଆମ ଘରର ନାଁ ପକେଇବାକୁ ? ଏ କଦର୍ଯ୍ୟ ଲାଳସା ତୋର ହେଲା କିମିତି ?

ଭାଇର ଏ କଟୂକ୍ତି ଶୁଣି ବୀଣା ଚୁପ୍ ହୋଇ ବସିଥାଏ । ଆଖିରୁ ତାର ଝରିଯାଉଥାଏ ଅଶ୍ରୁଧାର । ବୀଣା କିନ୍ତୁ ଠିକ୍ ଜାଣିଛି—ସେ କେତେ ଦୂର ଦୋଷୀ । ସେ କଥା ୧ ଜାଣେ ଆଉ ବିଶ୍ୱନାଥ ଜାଣେ । ସେ ଜାଣିଶୁଣି କୌଣସି ଦିନ ତା ଦେହରେ ହାତମାରି ନାହାନ୍ତି । ବଙ୍କା ଭାଷା ପ୍ରୟୋଗ କରିନାହାନ୍ତି । ରାମକୃଷ୍ଣ ଓ ବିଶ୍ୱନାଥ ମଧ୍ୟରେ ବୀଣା ଆଖିରେ ବିଶ୍ୱନାଥ ବର୍ତ୍ତମାନ ସମ୍ମାନପ୍ରଦ ।

ସୀଣାର ସାଇ ଶିକ୍ଷା କ୍ଷେତ୍ରକୁ ଫେରିଗଲା । ପରିବାରର ସମସ୍ତଙ୍କର ମନ ସୀଣା ପ୍ରତି ଘୃଣାରେ ପୂର୍ଣ୍ଣ ହୋଇଗଲା । ତା ସଙ୍ଗେ ସଙ୍ଗେ ବିଶ୍ୱନାଥ ପ୍ରତି ଆସିଲା ବିରକ୍ତି । ବସ୍ତୁତଃ ବିଶ୍ୱନାଥର ଏ ଚପଳାମୀ ସୀଣାର ବାପାଙ୍କ ହୃଦୟରେ ଆଘାତ ଦେଇଛି । ବିଶ୍ୱନାଥ ପ୍ରତି ତାଙ୍କ ଯେଉଁ ସ୍ନେହ ବିଶ୍ୱାସ ଥିଲା ତା ଦୂର ହୋଇଯାଇଚି । ଅତି ସରଳ ଭାବରେ ଝିଅର ଦାୟିତ୍ୱ ସେ ବିଶ୍ୱନାଥ ହାତରେ ଛାଡ଼ି ଦେଇ ଥିଲେ । ଭୁବେଠି ସନ୍ତାନର ପିତା ବିଶ୍ୱନାଥ ସୀଣାକୁ ବିପଦଗାମିନୀ ଭଟରଇବ ବୋଲି ସେ କଳ୍ପନା ବି କରିନଥିଲେ ।

ଠିକଲେ ସଂସ୍ତେ ହିଖନ୍ତି । ପରିବାରର ଏ ଅଶାନ୍ତ ପରିବେଶ ମଧ୍ୟରେ ସମସ୍ତଙ୍କର ଆଖି ଖୋଲିଯାଇଚି । ବାଣୀ କିନ୍ତୁ ଭଉଣୀ ପାଖ ଛାଡ଼ୁନି । ଅପାର ଦୁଃଖର ନିଜକୁ ସମଦୁଃଖିନୀ କରିଛି ।

ତା' ପରଦିନ । ରାତି ପାହି ଆସୁଚି । ନିଦ୍ରାଦେବୀଙ୍କ ଉଷ୍ମ କୋଳରୁ ସୃଷ୍ଟିବାସଣୀ ଆଖିମେଲି ନିରୀକ୍ଷଣ କରୁଛି ବିଶ୍ୱନିୟନ୍ତାଙ୍କ ଅପ୍ରାକୃତ ଲୀଳା । ଉଦୟାଚଳ ଶୈଳତଳରୁ ଉଠି ଆସୁଥିବା ବାଳାରୁଣଙ୍କ ସୁନେଲି କିରଣମାଳା ପ୍ରକୃତିରାଣୀର ସବୁଜଶାଢ଼ୀ ପରେ ସୃଷ୍ଟି କରିଛି ରଙ୍ଗୀନ ସରଳରେଖା । ଗ୍ରାମ୍ୟବଧୂର ସଭଳ ସୁନ୍ଦର ମୁଖମଣ୍ଡଳରେ ଓଢ଼ଣାଟାଣି ଚାଲିଚ ପୁଷ୍କରିଣୀ ଅଭିମୁଖେ ।

ବାଣୀ ଟିକେ ଡେରି ହୋଇ ଶେଯରୁ ଉଠି ଦେଖିଲା ପାଖରେ ସୀଣା ନାହିଁ । ପାପ ଭାବନାରେ ମସ୍ତିଷ୍କ ତାର ଭାରାକ୍ରାନ୍ତ ହୋଇଉଠିଲା ସନ୍ଦେହୀ ମନ ଯେଉଁ ବାଡ଼ିରେ ଥିବା ଗ୍ରେଟ ପୁଷ୍କରିଣୀ ନିକଟରେ ପହଞ୍ଚିଲା । ତାର ସନ୍ଦେହ ସତ୍ୟରେ ପରିଣତ ହେଲା । ସୀଣା ପୁଷ୍କରିଣୀ ଭିତରକୁ ଡେଇଁ ପଡ଼ିବାକୁ ଚେଷ୍ଟାକରୁଚି । କିଛି ଉପାୟ ନପାଇ ବାଣୀ ଚିତ୍କାର କଲା—ଅପା ।

ବୀଣା ପଛକୁ ଘୁଞ୍ଚି ବାଣୀକୁ ଦେଖି ଡେଇଁ ପଡ଼ୁ ପଡ଼ୁ ବାଣୀ ହାତରେ ତାର ପିନ୍ଧା ଶାଢ଼ୀର ଅଗ୍ରଭାଗ ରହିଗଲା । ଦି'ଭଉଣୀ ଯାକ ଓଦା ସର ସର ହୋଇ ଉପରକୁ ଆସୁ ଆସୁ ବାଣୀ କହିଲା—ଛି ଅପା ।

ନିଃସହାୟତା ଅନୁଭବ କରି ବୀଣା କହିଲା—କଣ ଆଉ କରିଥାନ୍ତି ? ଅବହେଳିତ ଆଉ ଲାଞ୍ଛିତା ଜୀବନରେ ଆତ୍ମହତ୍ୟା ହିଁ ଶ୍ରେଷ୍ଠ ପନ୍ଥା ।

ସାମାଜିକ ପାରିବାରିକ ଅବସ୍ଥା ହେତୁ ନାରୀ ଜୀବନରେ କେତେ ଦୁଃଖ ଯନ୍ତ୍ରଣାର ସୃଷ୍ଟି ହେବାରୁ ପୁରୁଷ ଜାତିର ଖାମଖିଆଲି ଶାସନ ଚକ୍ର ତଳେ ନାରୀ ଯୁଗ ଯୁଗ ଧରି ହୋଇଛି ତାର କ୍ରୀତଦାସୀ । ପ୍ରତିବାଦ କରିବାଭଳି ଶକ୍ତିର ଅଭାବ । ତେଣୁ ସେ ବାଛିନଏ ଅନ୍ତିମ ଯାତ୍ରାର ସୁଗମ ପଥ—ଆତ୍ମହତ୍ୟା ।

ବୀଣାର ଅପଚେଷ୍ଟା ବୋଲି ତାର ଶୁଣିଲେ । ମା ସମ୍ମୁଖରେ ଦଗ୍‌ଧମୁଖୀ ଚନ୍ଦ୍ରବଦନା, ଚରିତ୍ରହୀନା ସନ୍ଧ୍ୟାସାବନୀ । ଝିଅର ଭୁଲ ଲୁଚିବାକୁ ଚେଷ୍ଟା କରନ୍ତି ମା ମାନେ । ଆଶା ଆଶ୍ୱାସନାର ପ୍ରତିମୂର୍ତ୍ତି ମାତୃଜାତି ଅତିଶୀଘ୍ର ଭୁଲିଯାନ୍ତି ନିନ୍ଦା ଅପବାଦ ସବୁ । ଝିଅକୁ କୋଳରେ ପୂରେଇ ମା କହିଲେ—ଏଇଥି ପାଇଁ ଏତେ ଚିନ୍ତା ? ବାପା କିନ୍ତୁ ଘରର ମାଲିକ । ସଦାବେଳେ ବିରକ୍ତ ହୁଅନ୍ତି ବୀଣା ଉପରେ ।

ଯେଉଁଦିନ ବୀଣା ଶାଶୁଘର ଲୋକ ଆସିଲେ ନେବାପାଇଁ ସେଦିନ ବୀଣାର ବାପା ବୋଉ ଦାଦା ଖୁଡ଼ୀ ଭାଇ ଭଉଣୀ ସମସ୍ତେ ଖୁସି ହେଲେ । ହୃଦୟ ସାଗରରେ ଆନନ୍ଦର ଲହରୀ ଖେଳିଗଲା । ବୀଣା ମନର ଦୁଃଶ୍ଚିନ୍ତା କିଛିଟା କମିଗଲା । ତଥାପି ମନେ ମନେ ଭାବୁଥାଏ—ସତେ କଣ ସେ କ୍ଷମା ଦେଇଛନ୍ତି ।

କେଶୀ ଖୁସୀ ହୋଇଛନ୍ତି ବିଶ୍ୱନାଥ ସମସ୍ତଙ୍କ ନୟନ ଅନ୍ତରାଳରେ ରହି ସେ ତୃପ୍ତିର ନିଶ୍ୱାସ ତ୍ୟାଗ କରୁଛନ୍ତି । ବୀଣାର ଜୀବନ ଆକାଶରେ ଅକାଳ ଝଡ଼ ଉଠିଥିଲା । ସେ ଝଡ଼ ପ୍ରଶମିତ ହେବାକୁ ଯାଉଛି ।

କିନ୍ତୁ ବୀଣା ଶାଶୁଘରକୁ ଯିବା ପରେ ବୁଝିଲା ତା ଚିନ୍ତାର ସୀମାର ଭୂଷୁଡ଼ି ପଡ଼ିଛି । ଶ୍ରେଷ୍ଠ ପରିବାରଟି ବାହାରକୁ ସରସ ଜଣାପଡ଼ିଲେ ବି ଭିତରଟା ପୋକଖିଆ ଗଛ ପରି ସାରଶୂନ୍ୟ ହୋଇଛି । ରାମକୃଷ୍ଣ ଦୁଇମାସ ହେବ ଘରକୁ ଆସି ନାହାନ୍ତି । ବାପ,ମା ଅଶାନ୍ତ ବାତାବରଣ ଭିତରେ ସମୟ କାଟୁଛନ୍ତି । ଚିର ରୋଗିଣୀ ଶାଶୁଙ୍କର ରୋଗ ବଢିବାକୁ ଲାଗିଲା । ସଦା ମୁଖର ରହସ୍ୟ ମସ୍ତୀ ନଣନ୍ଦ ସୁଚିତ୍ରା ମୂକହୋଇ ଯାଇଛି ।

ଏ ସବୁର କାରଣ ବୀଣା । ଏକଥା ବୀଣା ନିଜେଇ ଅନୁଭବ କରୁଛି, ଅନୁତାପ କରୁଛି । ଘରର ବଡବୋହୂ ସେ, କିନ୍ତୁ ରାମକୃଷ୍ଣର ଅବହେଳା ଓ ଅନୁପସ୍ଥିତିରେ ତାର ସ୍ଥାନର ଗୁରୁତ୍ୱ କମି ଯାଉଛି । ବୃଦ୍ଧ ଶଶୁର କହାକୁ କିଛି ନକହି ନିଜ ବ୍ୟବସାୟରେ

ମନ ହେଲେ । ସୁଚନା ଯେବେ ବୀଣାର ପାଖ ଛାଡ଼ିଗଲା ସେ ଦେଖିଲେ ଦୁରେଇ ଯାଉଛି ।

ବୀଣା ନିଜକୁ ନିତାନ୍ତ ଏକାକିନୀ ଅନୁଭବ କରୁଛି । ସନ୍ଧ୍ୟାର ନିର୍ଜନତା ଭିତରେ ଶେଜରେ ଶୋଇ କାନ୍ଦି କାନ୍ଦି ତକିଆ ଭିଜାଉଛି । କୋମଳ ଶେଯ ତାକୁ କଣ୍ଟା ଫୋଡ଼ିଲା ପରି ଲାଗେ । କେବେ କେବେ ଶେଯରୁ ଉଠି ଆସି ବାଲ୍କୋନିରେ ଠିଆ ହୁଏ । ଶୀତଳ ପବନରେ ବି ଶରୀର ତାର ଚନ୍ଦ୍ରାଗ୍ନିରେ ତାତି ଉଠେ । ମନେ ମନେ ଭାବେ—ପଛିଲା ପାଳର ମଧୁର ଅନୁଭୂତି । ଅନ୍ଧାରରେ ଠିଆ ହୋଇ ଥିଲେ ରାମକୃଷ୍ଣ ଆସି କୁହନ୍ତି—ଅନ୍ଧାରରେ କାହିଁକି ଠିଆ ହୋଇଛ, ଘରକୁ ଆସ ?

ବୀଣାର କାନରେ ପ୍ରତି ଧ୍ୱନିତ ହୁଏ ରାମକୃଷ୍ଣର କଅଁଳ ସମ୍ବୋଧନ । ବୀଣା ଭାଗ୍ୟକୁ ନିନ୍ଦେ ।

ଭାଗ୍ୟବାଦୀ ନିଜ ଦୋଷ ଦୁର୍ବଳତାକୁ ଭାଗ୍ୟ ଉପରେ ଛାଡ଼ିଦେଇ ନିଶ୍ଚିନ୍ତ ହୁଏ । ବୀଣା ଭାବିଥିଲା ଭୁଲ ତ୍ରୁଟି ଭୁଲି ଯାଇଛନ୍ତି ଆସିଲେ ବୁଝେଇ ଦେବ । କିନ୍ତୁ ଆଶା ତାର ନିରାଶାରେ ପରିଣତ ହେଲା ।

ବୀଣା ବାପ ଘରକୁ ଗଲା । କନ୍ୟା ମାନଙ୍କର ଅଶାନ୍ତ ଜୀବନରେ ସ୍ନେହର ଝରଣାର ଉଚ୍ଛୁଳା ପ୍ରବାହ କେବଳ ବାପ ଘରେହିଁ ସମ୍ଭବ । ବାଲ୍ୟ ଜୀବନର ମଧୁମୟ ସ୍ମୃତି ପଖାଳା ମୁହୂର୍ତ୍ତି

ଆଣେ ସେମାନଙ୍କର ଅବସାଦ ବେଳାରେ ଶାନ୍ତିର ବାର୍ତ୍ତା । ଗାଁର
ପାଣି ପବନ, ସାଇ ପଡ଼ିଶା ସାଥି ସଙ୍ଗାତ ମେଳରେ ସେ ଭୁଲିଯାଏ
ଜୀବନ ଖଣ୍ଡବର ଦହନ ।

ତାର ବଡ଼ଭଉଣୀ ବିଳାସ ଆସି ଥିଲା । ବିଳାସ ଠିକ୍ ବୀଣାର
ଅନୁରୂପ ନହେଲେ ବି ଅସୁନ୍ଦରୀ ନୁହେଁ । ଶ୍ୟାମଳ ଦେହରେ ତାର
ମାତୃତ୍ୱର ସ୍ପଷ୍ଟ ଆଭାସ । ପ୍ରଥମ ସନ୍ତାନର ସୃଷ୍ଟି ଲାଗି ସେ ପ୍ରସ୍ତୁତା ।
କଥା କଥାକେ ସ୍ୱାମୀର ପ୍ରଶଂସା । ବୀଣା ଅପାକୁ ଦେଖେ । ତାର
ଟୋ ଟୋ କଥା ଶୁଣେ । ହସ ଖୁସିରେ ଯିମିତି ତାର ହୃଦୟ ମଧ୍ୟର
ଫାଟି ପଡ଼ୁଛି ।

ବୀଣାର ଭିଣେଇ ଅନ୍ତର୍ଯାମୀ ମହାନ୍ତି, ଶିକ୍ଷିତ ସୁସ୍ଥ ଶ୍ୟାମଳ
ଯୁବକ । ଉଚ୍ଚ ଦରମା ପାଉଥିବା ପାଦ୍ୟାର ସ୍ୱୀକରଣ ନହେଲେ
ବି ସେ ଅସନ୍ତୁଷ୍ଟ ନୁହନ୍ତି । କଥାରେ ଭଙ୍ଗିରେ ତାଙ୍କର ସରସତା
ଓ ପରିହାସ ପ୍ରିୟତା । ବିଳାସକୁ ଖୁସି କରିବା ଲାଗି ତାଙ୍କର ଅପ୍ରାଣ
ଉଦ୍ୟମ ଦେଖି ବୀଣା ମନ କୁହୁଳିଯାଏ । ସାତ ଆଠ ଦିନ ପାଇଁ
ବିଳାସ ବାପଘରକୁ ଆସିଲେ ବି ଅନ୍ତର୍ଯାମୀ ଶ୍ୱଶୁର ଘରକୁ ଗୁଲ
ଆସନ୍ତି । ସାଇ ପଡ଼ିଶାର କଥାକୁ ସେ କାନ ଦିଅନ୍ତିନି । ସିଧାସଳଖ
ମତାମତ ପ୍ରକାଶ କରିବାରେ ସେ ଧୁରନ୍ଧର ।

ବୀଣା ବାପଘରକୁ ଯିବା ଆଗରୁ ବିଳାସ ଆସିଥିଲା ।
ବଡ଼ଭଉଣୀର ଜୀବନ ଆଗରେ ବୀଣା ନିଜକୁ ଅସହାୟ ମଣିଲା ।
ରାମକୃଷ୍ଣ ଧନୀ, ଉଚ୍ଚ ଶିକ୍ଷିତ । ଭବିଷ୍ୟତରେ ଉପରକୁ ଉଠିବା
ଲାଗି ଲମ୍ବା ସାମାଜିକ ସିଡ଼ି ଉନ୍ମୁକ୍ତ । ତଥାପି ବୀଣା ଆଜି ପରିତ୍ୟକ୍ତା
ଅବହେଳିତା । ଅନ୍ତର୍ଯାମୀ ଅର୍ଥରେ ଧନୀ ନହେଲେବି ହୃଦୟରେ
ସେ କୋଟିପତି । ତାର ସ୍ତ୍ରୀ ଓ ସନ୍ତାନମାନଙ୍କୁ ସେ ଅଧିକ ଭଲ
ପାଏ ।

ବୀଣା ଯିବାର ଦୁଇ ତିନି ଦିନପରେ ଅନ୍ତର୍ଯ୍ୟାମୀ ଯାଇ ପହଞ୍ଚିଲା । ବୀଣାକୁ ଦେଖିଲା ମାତ୍ରେ ସେ କହି ଉଠିଲା—କିଓ ମେମ୍ ସାହେବ; ତମେ କୋଉ଼ ଦିନ ?

ବିବାହର ଆଠବର୍ଷ ପରେ ଅନ୍ତର୍ଯ୍ୟାମୀର ଚପଲାମୀରେ ହସିଲା ବୀଣା । ଅତି ମ୍ଳାନ ହସ । ବୀଣାର ନୀରବତା ଓ ମ୍ଳାନ ହସରେ ଅନ୍ତର୍ଯ୍ୟାମୀର ସରସତା ଅଧେ କମିଗଲା । ସେ ହଠାତ୍ କିଛି ଅନୁମାନ କରି ପାରିଲାନି ।

ଅନ୍ତର୍ଯ୍ୟାମୀ ବୀଣାର ଅତି ନିକଟକୁ ଯାଇ କହିଲା—କିଓ କଳଙ୍କ ହୀନ ଚନ୍ଦ୍ରମାରେ ପୁଣି ଏତେ ମ୍ଳାନତା କାହିଁକି ? ବୀଣା ଅନ୍ତର୍ଯ୍ୟାମୀକୁ ଚାହିଁଲା । ସେ ହସରେ ସିମିତି ପୂର୍ବ ସରସତା ନାହିଁ । ଅନ୍ତର୍ଯ୍ୟାମୀ ଲକ୍ଷ କଲା ଦୁଇ ବିନ୍ଦୁ ଅଶ୍ରୁ ଢଳ ଢଳ ହେଉଛି ।

ଅନ୍ତର୍ଯ୍ୟାମୀର ଉଚ୍ଛୁଳା ପ୍ରାଣ ଯେପରି ହଠାତ୍ ଥମିଗଲା । ସେ ବିସ୍ମିତ ହେଲା । ବୀଣା ଆଖିରେ ଲୁହ କାହିଁକି ? କିଏ ଏ ପ୍ରଶ୍ନର ଉତ୍ତର ଦେବ ?

ବୀଣା ବିଳାସକୁ ଯେଉଁଦିନ ଅନ୍ତର୍ଯ୍ୟାମୀ ପ୍ରଥମ କରି ଦେଖିଥିଲା । ସେଦିନ ସେ ବଡ ଭଉଣୀକୁ ନିଜର ସ୍ତ୍ରୀ ଲାଗି ବାଛିଥିଲେବି ବୀଣାର ସୌନ୍ଦର୍ଯ୍ୟ ସମ୍ମୁଖରେ ସେ ବିଚଳିତ ହୋଇଥିଲା ବୀଣା ବିଦୁଷୀ କନ୍ୟା । ତା ରୂପକୁ ଆଉ ବାଣ 'ସ୍ୱର୍ଗ' ମଣି, ଏକୁ ଆରକେ ବୃନ୍ଦସ୍ଥ ଲୋଭନୀୟ । ଗୌରାଙ୍ଗୀ ସୁନ୍ଦରୀ ଭଉଣୀ ମାନଙ୍କ ମଧ୍ୟରୁ ଅନ୍ତର୍ଯ୍ୟାମୀ ଶ୍ୟାମାଙ୍ଗୀ ବିଳାସକୁ ହିଁ ପସନ୍ଦ କରିଥିଲା ।

ବୀଣା ଚପଳା ଚଞ୍ଚଳ ତରଙ୍ଗୀ । କଥା କଥାକେ ତା ମୁହଁରୁ ବାଟ୍ ନ ଛୁଟେ । ଯଦି ତାକୁ କହିଲେ ସେ ଧୁମ୍ବଣ ଗାଇ ଯାଏ ।

ବିବାହ ପରେ ପରେ ଅନ୍ତର୍ଯ୍ୟାମୀ ଶ୍ୱଶୁର ଘରକୁ ଅନେକ ଥର ଯାଇଛି । ବୀଣା ତାକୁ ଚିଡ଼େଇ କହେ—କଣ ଅପାଙ୍କୁ ଛାଡ଼ି ରହି ପାରୁନ କି ? ଅନ୍ତର୍ଯ୍ୟାମୀ ହସି ହସି ବୀଣାର ବେଣୀ ମୋଡ଼ି ମୋଡ଼ି କହେ—ତମର ସମ୍ପୃକ୍ତ କଣ କରିବେ ଦେଖିବା ନାକ ? ବୀଣା ସେଠୁ ପଳେଇ ଯାଉ ଯାଉ କହେ—ସେମିତି କହିବେ ଏଠିକି ଆଉ ଜମା ଆସିବନି ।

ଅନ୍ତର୍ଯ୍ୟାମୀ ଶୋଇବାକୁ ଚେଷ୍ଟା କରେ । ବୀଣା ଚୁପ୍ ଚୁପ୍ ଆସି ଅନ୍ତର୍ଯ୍ୟାମୀ କାନରେ କାଠି ପୁରେଇ ଘଲ ଘଲ କରେ । ଶୋଇବାର ଛଳନା କରି ଅନ୍ତର୍ଯ୍ୟାମୀ ବୀଣାର ହାତକୁ ଧରି ପକାଏ । ଦୁହିଁଙ୍କର ଟଣା ଓଟରା ଭିତରେ ବେଳେ ବେଳେ କଳାସ ଆସି କହେ—କାହିଁକି ତା ସଙ୍ଗେ ଲାଗିଛ ? ଏଇନେ କାନ୍ଦିବ ।

ଅନ୍ତର୍ଯ୍ୟାମୀ ଛାଡ଼ିଦିଏ । ବୀଣା ପଳେଇ ଯାଉ ଯାଉ କହେ—ଛୋଟ ଭାଗ ନେଇ ଯାଉନ ଲୋ ଅପା ।

ସ୍ୱାମୀ ସ୍ତ୍ରୀ ହସି ଫକାନ୍ତି । ଅନ୍ତର୍ଯ୍ୟାମୀ କଳାସର ହାତକୁ ଆଉଁସି ଆଉଁସି କହେ—ବୀଣାର ଚପଳାମୀ କେବେ ଭାଙ୍ଗିବ ।

ଖାଇ ବସିଲେ ଭାତ ଭିତରେ ମାଛକଣ୍ଟା ଫୋଡିବ । ପାଣିରେ ଲଙ୍କାଗୁଣ୍ଡ ମିଶେଇବ, ପାନରେ ଗୋଡ଼ି ଲୁଣ ଦେବ, ପ୍ରତି ମୁହୂର୍ତ୍ତରେ ସାବଧାନ ନହେଲେ ହଇରାଣ ଓ ଅପଦସ୍ତ ହେବାର ବହୁତ ସମ୍ଭାବନା ।

ଝରଣା ପରି ସେ ଚପଳ ସେ ଆଜି ଏତେ ଗମ୍ଭୀର

କାହିଁକି ?

ଅନ୍ତର୍ଯ୍ୟାମୀ ଆଉ କିଛି କହିବା ପୂର୍ବରୁ ବୀଣା ସେଠୁ ଉଠି ପଳେଇଲା । ଅନ୍ତର୍ଯ୍ୟାମୀ ଯେଉଁ ଆଡ଼କୁ ଚାହିଁ ରହିଲା । ବିଳାସର ସ୍ପର୍ଶରେ ତାର ଦୃଷ୍ଟି ପରିବର୍ତ୍ତନ ହେଲା । ଅନ୍ତର୍ଯ୍ୟାମୀର ଅସ୍ୱସ୍ତିର କାରଣ ବୁଝି ବିଳାସ କହିଲା—ରାମକୃଷ୍ଣ ଓ ବୀଣାଭିତରେ ଟିକିଏ ମନାନ୍ତର ହୋଇଛି ।

ଅନ୍ତର୍ଯ୍ୟାମୀ ଆଜି ଚିନ୍ତାଗ୍ରସ୍ତ ହୋଇ ପଡ଼ିଲା । ପ୍ରକୃତରେ ସେ ଚମକିପଡ଼ିଲା ବିଳାସଠୁ ବୀଣା ରାମକୃଷ୍ଣର ମନାନ୍ତର କଥା ଶୁଣି । ରାତି ଅନେକ ହେଲାଣି । ସେ ତାର ଶୋଇବା ଘରଟିରେ ଶୋଇ ରହିଛି । ପାଖରେ ବିଳାସ ଶୋଇ ପଡ଼ିଲାଣି । ଓଠ ପ୍ରାନ୍ତରେ ତାର ଏବେବି ଲାଗି ରହିଛି ତୃପ୍ତିର ହସ ରେଖା । ତାର ଟିକିବାଁ ହାତଟି ଆସି ଅନ୍ତର୍ଯ୍ୟାମୀର ଗୋଡ଼ ଉପରେ ପଡ଼ିଛି । ହାତଟି ଗୁଡ଼ି ଉପରେ, କୋମଳ ଲତା ଗଛର ଗଣ୍ଡିକି ଜାବୁଡ଼ି ଧରିଲାପରି ।

ଅନ୍ତର୍ଯ୍ୟାମୀର ନିଦ ନାହିଁ । ଅତୀତ ଜୀବନଟାଯାକରୁ କେତୋଟି ସ୍ମୃତି ତା ସାମ୍ନାରେ ଖୋଲି ହୋଇ ପଡ଼ିଛି—ବୀଣା ଶାଶୁଘରକୁ ଯିବା ପୂର୍ବରୁ ଆସିଥିଲା ଅନ୍ତର୍ଯ୍ୟାମୀ ଘରକୁ । ଫଗୁଣ ମାସର ଫଗୁବୋଳା ଅପରାହ୍ଣରେ ବୀଣାକୁ ପାଇ ଅନ୍ତର୍ଯ୍ୟାମୀର ଚପଳାମି ଶତଗୁଣିତ ହୋଇଯାଇଥିଲା । ଗେଣ୍ଡୁଟିଆ ପଟେ ବାଉଟି ତାର ହସଖୁସିରେ ଭାସିଯାଉଥିଲା । ବିଳାସ ବାହାରେ ଯିବା ପରେ ଅନ୍ତର୍ଯ୍ୟାମୀ ବୀଣାକୁ ପାଖକୁ ଟାଣି ଆଣି କହୁଥିଲା—ତମର ଏ ରୂପ ନେଇ ରାମକୃଷ୍ଣକୁ ପାଗଳ କରିବ ।

ବୀଣା ନିଜକୁ ଅନ୍ତର୍ଯ୍ୟାମୀର ବନ୍ଧନରୁ ଉନ୍ମୁକ୍ତ କରି କହେ—ଅପା ତମକୁ ଯିମିତି କରିବ ତାଠୁ ବେଶି ନୁହଁ ।

ଦୁହିଁଙ୍କ ସମ୍ମିଳିତ ହସରେ ସରଳା ବିଳାସ ଘୋଟେଇ ପଡୁ ଆସି କହେ ମତେ ନିଜଏ ତମ ଆନନ୍ଦରେ ଗ୍ରାସ କର । ବିଣା ବୁଝେ ଅପାର ଆନ୍ତରିକତା ଅନ୍ତର୍ଯ୍ୟାମୀର ସ୍ନେହ ଆଉ ଆଦର ।

ଢଟେନ ସ୍ୱପ୍ନରେ ବିଳାସ ଯାଇ ଥିଲା ପଡ଼ୁଶା ଘରକୁ ବୁଲି । ଅନ୍ତର୍ଯ୍ୟାମୀ ନିଜର ଶୋଇବା ଘରକୁ ଯାଇ ଦେଖିଲା ଖଣ୍ଟଶୋଇଛି ବୀଣାର ସୌନ୍ଦର୍ଯ୍ୟ ଅଯତ୍ନ ଭାବରେ ଶେଜରେ ପଡ଼ି ବସ୍ତ୍ର ଗୁଣ୍ଠିତ ହୋଇଯାଇଛି । ଧଳା ଚଦର ଉପରେ ଗୋଲ୍ଡ ଦେହଟା ତାର ଅତି କୋଭମସ୍ତୁ ହୋଇଛି । ଅନ୍ତର୍ଯ୍ୟାମୀ ବୀଣା ପାଖରେ ବସି ତା ମୁଣ୍ଡର ବାଳକୁ ସାଉଁଳି ସାଉଁଳି ତାର ନିଦ ଭାଙ୍ଗି ଗଲା । ବୀଣା ଉଠି ଅନ୍ତର୍ଯ୍ୟାମୀଙ୍କୁ ଏତେ ନିକଟରେ ଦେଖି ଲଜେଇ ଗଲା । ଖଟବାଡ଼କୁ ଆଉଜି ବସି କହିଲା—ଅମାର ଅସମ୍ମାନ କରନ । ମୋ ମନଟା ଅପେକ୍ଷା କଣ ଦେହଟା ତମର ବେଶୀ ଦରକାର ?

ବହନରେ ପ୍ରବେଶ କଲା ଦେହର ଉତ୍ତାପ କମିଯିବାପର ବୀଣାର କଥାରେ ଅନ୍ତର୍ଯ୍ୟାମୀର ମନର ଉତ୍ତାପ କମି ଆସିଲା ।

ସେଇ ବୀଣା ବିଶ୍ୱନାଥ ଭକ୍ତ ଆତ୍ମାଟା, ଏ କଥା କିମ୍ପିତ ଅନ୍ତର୍ଯ୍ୟାମୀ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଅତି ପାଖରେ ସୁବିଧାରେ ପାଇ ଅନ୍ତର୍ଯ୍ୟାମୀଙ୍କୁ ବୀଣା କୋମଳ କଥା କହି ବାରଣ କରିଛି ଉପଦେଶ ଦେଇଛି । ବୀଣା କଣ ରାମକୃଷ୍ଣଠାରୁ ତୃପ୍ତି ପାଇଛି ! ଅତୃପ୍ତ ଆତ୍ମା ତାର କଣ ବିଳାପ କରୁଛି ? କିଏ ଦେବ ଏ ପ୍ରଶ୍ନର ସମାଧାନ ?

ଆଲୁଅଟା ଜଳୁଥିବାରୁ ବିଳାସକୁ ଭଲ ନିଦ ହୋଇନଥିଲା । ସେ ଆଖି ଖୋଲି ଦେଖିଲା—ଅନ୍ତର୍ଯ୍ୟାମୀ ଘରକୁ ସ୍ୱର୍ଗ କରି ସଜୁଛି

ଆଲୁଅଟାକୁ ଲିଭେଇ ନିଜକୁ ଅନ୍ତର୍ଯ୍ୟାମୀର ଅତି ନିକଟକୁ ନେଇ କହିଲା—ତମକୁ କଣ ନିଦ ହେଉନି ।

ବିଳାସକୁ ନେଇ ଅନ୍ତର୍ଯ୍ୟାମୀ ବାହାରକୁ ବୁଲିଯିବା ପ୍ରସ୍ତାବ ଶୁଣି ବୀଣା ଚୁପ୍ କରି କହିଲା—ଅପା ନନାଙ୍କୁ କହନ୍ତୁନା ମତେ ଟିକିଏ ସାଙ୍ଗରେ ନିଅନ୍ତେ ।

ଅନ୍ତର୍ଯ୍ୟାମୀ ବିଳାସ ଓ ବୀଣାକୁ ନେଇ ବିଭିନ୍ନ ସ୍ଥାନ ଭ୍ରମଣରେ ବାହାରିଲା । ବୀଣାର ପିତା ଅନ୍ତର୍ଯ୍ୟାମୀ ସଙ୍ଗରେ ବୀଣାକୁ ଛାଡ଼ିବା ନିମନ୍ତେ କୌଣସି ଆପତ୍ତି କରିନାହାଁନ୍ତି ।

ପୁରୀର ସାଗର ବେଳାରେ ସନ୍ଧ୍ୟାରେ କୋଟି ତାରକା ଫୁଟେ, ବୀଣା, ବିଳାସ ଓ ଅନ୍ତର୍ଯ୍ୟାମୀ କୋମଳ ବାଲୁକାଶଯ୍ୟା ଉପରେ ବସି ଉପଭୋଗ କରନ୍ତି ସାନ୍ଧ୍ୟକାଳୀନ ସୌନ୍ଦର୍ଯ୍ୟମୟୀ ସାଗର ବେଳା ।

ଜଗନ୍ନାଥ ମନ୍ଦିରରେ ବାଇଶି ପାହାଚ ଅତିକ୍ରମ କଲାବେଳେ ଅନ୍ତର୍ଯ୍ୟାମୀ ବୀଣାକୁ ଉଠିବାରେ ସାହାଯ୍ୟ କରେ । ବୀଣା ହସି ହସି ଅନ୍ତର୍ଯ୍ୟାମୀର ହାତଧରି ଉପରକୁ ଉଠୁ ଉଠୁ କହେ—ଅପାକୁ ସାହାଯ୍ୟ କରନ୍ତୁ !

ଅନ୍ତର୍ଯ୍ୟାମୀ ହସି ହସି କହେ—ସେ ଘର ବଡ଼, କଲେ ଉଠି ଆସିବେନି କି ସ୍ନିଗ୍ଧ ଆଖିର ମିଳନରେ ହସର ଫୁଲମାନ ଖସି ଉଠେ । ବିଳାସ ପଛରୁ ଆସି ସେମାନଙ୍କ ହସରେ ଯୋଗଦିଏ, ବୀଣା ବିଳାସ କାଖରୁ ପୁଅକୁ ନେଇ ଅପାକୁ ସାହାଯ୍ୟ କରେ ।

ଉକ୍ତ ଏକାଙ୍କରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଗାତ୍ରରେ ଖୋଦିତ ଯୌନମିଳନ ମୂର୍ତ୍ତି ଅନ୍ତର୍ଯ୍ୟାମୀ ଚୂପକରି ବୀଣାକୁ ଦେଖାଏ । ବୀଣା ଲଜରେ ମୁହଁ ପୋତି କହେ—ଦାମାକ ଦେଖାଅ !

କଟକର ଦେବୀପଂସା ଗହଳରେ ବିଭିନ୍ନ ମେତ୍ ପରିଦର୍ଶନ କଲାବେଳେ ଅନ୍ତର୍ଯ୍ୟାମୀ ଆଶାପୂର୍ଣ୍ଣ ଆଖିରେ ବୀଣାକୁ ଚାହେଁ । ବୀଣା ହସି ହସି କହେ—ତମେ ନଆଣିଥିଲେ ଏଗୁଡ଼ିକ ମତେ କିଏ ଦେଖେଇଥାନ୍ତା ।

ଅନ୍ତର୍ଯ୍ୟାମୀ, କଳାସ ଓ ବୀଣା ଖଣ୍ଡଗିରି, ଉଦୟଗିରି, ଭୁବନେଶ୍ୱର, ପୁରୀ, ନନ୍ଦନ କାନନ, ଅଂଶୁପା, ଚିଲିକା ଆଦି ବିଭିନ୍ନ ସ୍ଥାନ ଭ୍ରମଣ କଲେ ଅନ୍ତର୍ଯ୍ୟାମୀଙ୍କ ବୀ[illegible] । ଆଖିରେ ତାର ଖୁସି ଫୁଟା ବୀଣା ବୁଝେ । ହସିକରି କହେ—[illegible] କଣ ତମର ବେଶୀ ଲୋଭ ? ଅଗା କଣ ମନକୁ ଆସୁନି ?

ସଞ୍ଜରେ ଗଭୀରତାରେ ତିନୋଟି ପ୍ରାଣୀ ବିଶ୍ରାମ ନିଅନ୍ତି । ଶାରୀରିକ କ୍ଳାନ୍ତି ପରେ କଳାସ ଶୋଇଯାଏ । ଅଗା ଖାଲକୁ ଲାଗି ବୀଣାଶୁଏ କିନ୍ତୁ ଅନ୍ତର୍ଯ୍ୟାମୀ ଆଖିକି ନିଦ ଆସେନି ।

ପୁରୁଷ ମନ ଚଞ୍ଚଳ । ସେ ସୁବିଧା ଦେଖିଲେ ଡାହାଣା ପରି ଚାହେଁ—ମିଳିଲେ ଗୋଟାକଯାକ ସତେ ଗିଳିଦେବ । ଏକା ଘରେ ଅନ୍ତର୍ଯ୍ୟାମୀ ଛଟପଟ ହୁଏ ।

ଯାହାର ଶେଷ ହେବ ଅନ୍ତର୍ଯ୍ୟାମୀ ମନ ପ୍ରାଣ ହତାଶାରେ ବିକ୍ଷିପ୍ତ ହୋଇଯାଇଛି । ବୀଣାକୁ ଅନ୍ତରାଳରେ ପାଇ ମଧ୍ୟ ସାନ୍ନିଧ୍ୟ ଲାଭ କରିନି ।

ରାତି ପ୍ରାୟ ବାରଟା ଖଣ୍ଡେ ହେବ । ସହରର କୋଳାହଳ କମି[illegible]ଲାଣି । ମହମବତୀଟି ଜଳି ଶେଷ ହୋଇ ଆସିଲାଣି

ଅନ୍ତର୍ଯ୍ୟାମୀ ଶେଜରୁ ଉଠି ଯାଇଁ ଦୁଇ ଭଉଣୀଙ୍କ ନିକଟରେ ଠିଆ ହେଲା । ଆଲୋକର କ୍ଷୀଣ ରେଖା ବୀଣାର ମୁଖମଣ୍ଡଳରୁ କିଛି ଅଂଶ ଆଲୋକିତ କରୁଛି । ଗୋରା ଚିକ୍କଣ ମୁଖଟିରେ ଆଲୋକ ପ୍ରତିଫଳିତ ହେଉଛି ।

ଅନ୍ତର୍ଯ୍ୟାମୀ ବୀଣା ପାଖରେ ବସିଲା । କପାଳ ଉପରକୁ ଆସିଥିବା ଅବାଧ ଛୋଟ ଛୋଟ ବାଳ ଗୁଡ଼ିକୁ ସଜାଇ ବାରେ ଲାଗିଲା । ହାତର ସ୍ପର୍ଶ ପାଇ ବୀଣାର ନିଦ ଭାଙ୍ଗିଗଲା । ସେ ଅନ୍ତର୍ଯ୍ୟାମୀକୁ ଏତେ ନିକଟରେ ଦେଖି ଚମକି ପଡ଼ିଲା । ହଠାତ୍ ଶେଜରୁ ଉଠି ପଡ଼ି ଠିଆ ହେଲା ।

ଅନ୍ତର୍ଯ୍ୟାମୀ କିଛି କହିବା ପୂର୍ବରୁ ବୀଣା ଆରମ୍ଭ କଲା —ମୋ ଦେହଟା ଖଣ୍ଡ ଚମର ନିହାତି ଦରକାର ନାଅ ଉପଭୋଗ କର, କିନ୍ତୁ କାଲି ସକାଳୁ ମୋର ଦେହଟାକୁ ଦାହ କରିବା ଲାଗି ପ୍ରସ୍ତୁତ ହୁଅ । ତୁମର ହାତରେ ଜଳାହୋଇ ହେଲେ ମୁଁ ଆରପୁରରେ ସୁଖୀ ହେବି

ଆକସ୍ମିକ ବିସ୍ଫୋରଣ ହେଲେ ଯେପରି ମଣିଷ ଚମକି ଉଠେ, ଅନ୍ତର୍ଯ୍ୟାମୀ ସେମିତି ଚମକିପଡ଼ିଲା । ସେ ବାକ୍ ଶୂନ ହୋଇ ଠିଆହୋଇ ଦେଖିଲା— ବୀଣା ଆଖିରୁ ଝରି ଆସୁଛି ଗଙ୍ଗା ଯମୁନା ।

ଅନ୍ତର୍ଯ୍ୟାମି ବିସ୍ମିତ ହେଲା । ହୋକାଙ୍କପରି ବୀଣା ମୁହଁକୁ ଚାହିଁ ରହିଲା । ବୀଣାପୁଣି କହିଲା—ମୋ ଜୀବନରେ ତମକୁହିଁ ମୁଁ ଅଧିକ ଭଲପାଏ, ଭକ୍ତିକରେ । ତୁମନିକଟରେ ମୁଁ ସଙ୍କୁଚିତା ହୁଏନି । କିନ୍ତୁ ମୁଁ ତୁମର ବଦନାମ ସହିପାରିବିନି । ମତେ ଆଦର କର, ସ୍ନେହ କର, ମୋ ଦେହଟା ଉପରେ ଏତେ ଲୋଭ କାହିଁକି ?

ଅନ୍ତର୍ଯ୍ୟାମୀ ଚୂପ କରି ଆସି ବୀଣା ନିକଟରେ ଠିଆହେଲା । ଆଖିରେ ତାର ଦେଖାଦେଲା ଅଶ୍ରୁ । ସେ ବୀଣା ଆଖିରୁ ଲୁହ ପୋଛୁ ପୋଛୁ କହିଲା—ମତେ କ୍ଷମା ଦିଅ ବୀଣା ।

ଏତେଦୁଃଖରେ ବି ବୀଣା ସାମାନ୍ୟ ହସି କହିଲା—ମୁଁ ସବୁସ୍ନେହ କାଙ୍ଗାଳୁଣୀଟେ । ସାମାନ୍ୟ ଦୋଷରେ ମୁଁ ହଉଚି ଅବହେଳିତା । ତମେ ଯଦି ଆଦର ନ କରିବ ତେବେ ମୁଁ ବଞ୍ଚିବି କମିତି ?

ଏ ହେଉଛି ସେମାନଙ୍କର ସଂକ୍ଷିପ୍ତ ମର୍ମାନ୍ତିକ ଭ୍ରମଣ କାଳର ଇତିହାସ । ଅନ୍ତର୍ଯ୍ୟାମୀ କିନ୍ତୁ ବୀଣାକୁ ଭୁଲ ବୁଝିଲା । ପୌରୁଷ ତାର ଆହତ ହେଲା ସିମିତି । ବିବାହ ପରେ ବୀଣା ସ୍ୱାମୀଠୁ ପାଇନି ସ୍ନେହ ସବୁତ ଟୋକା କଥା । ସାମାନ୍ୟ ଭୁଲରେ ସେ ଆଡ଼େଇ ଦେଇଛନ୍ତି । ଅନ୍ତର୍ଯ୍ୟାମି କ୍ରମେ ଦୂରେଇ ରହିବାକୁ ଚେଷ୍ଟାକଲା ।

ବୀଣା ଗଲା ଶାଶୁ ଘରକୁ । ସ୍ୱାମୀ ପ୍ରତ୍ୟାଖ୍ୟାତା ସ୍ତ୍ରୀର ସମ୍ମାନ କମିଯାଏ । ସେ ତାର ହକ୍ ଉପସ୍ଥାପିତ କରିପାରେନି, ଶ୍ରେଷ୍ଠ ମଧ୍ୟବିତ୍ତ ପରିବାରେ । ବାହାରକୁ ପରିବାରଟି ବେଶ୍ ସରଳ ଓ ସୁଖମୟ ଜଣା-ଯାଏ କିନ୍ତୁ ଗର୍ଭଭିତରେ ଶୋକ ଛାଟିଲାପରି ଘରର ସମସ୍ତ ସୁଖ ନଷ୍ଟ ହୋଇ ଯାଇଛି । ରାମକୃଷ୍ଣ ଘରକୁ ଆସୁନ ଘରେ ବେଗିଣି ଶାଶୁଙ୍କର ପୁଅଚିନ୍ତାରେ ରୋଗ ବଢ଼ି ଯାଇଚି । ସେ ଆଜି ସେଥିରୁ ଉଠିପାରୁ-ନାହାନ୍ତି ।

ବୀଣାର ନଣନ୍ଦ ସୁଚିତ୍ରା ବୀଣାକୁ ଦେଖିଲେ ଠକ୍ ଠକ୍ ହେଉଚି । ଭାଇତାର ଘରକୁ ନଆସିବା ଯୋଗୁ ସେ ବୀଣାକୁ ହିଁ ଦାୟୀ କରୁଚି । ବୀଣା ମୂକ ପାଲଟି ଯାଇଚି ।

ଘରର ବଡ଼ ବୋହୂ ହିସାବରେ ତାକୁ ସମସ୍ତେ ଯେଉଁ ସମ୍ମାନ ଦେଉଥିଲେ ତା ଧୁଏଁ ଧୁଏଁ ଉଭେଇଗଲା । ରାମକୃଷ୍ଣର ବୃଦ୍ଧ ପିତା

ଘରଠୁ ଦୂରେଇ ରହିନିଜ ବ୍ୟବସାୟରେ ଅଧିକ ମନଦେଲେ ।

ବୀଣାର ଜୀବନ ହତାଶାମୟ ହୋଇଉଠିଲା । ସୁନ୍ଦର ଅଙ୍ଗଲତା ତା'ର ଯନ୍ତ୍ରଣାର ଝାଞ୍ଜିରେ ନିସ୍ତେଜ ହୋଇଗଲା । ହସିଲାମୁଖମଣ୍ଡଳରୁ ହସ ଲୁଚିଗଲା । ଜୀବନ ଦୁର୍ବିସହ ହେଲା ।

ରାତିର ନିର୍ଜନତାରେ ଏକାକିନୀ କାନ୍ଦି କାନ୍ଦି ତକିଆ ଭିଜାଏ ଘଣ୍ଟା ଘଣ୍ଟାଧରି ଜଗାଜଗର ରହି ମନେ ପକାଏ ତାର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଭାଗ୍ୟକୁ ନିନ୍ଦାକରି ବ୍ୟାଣାବ୍ୟସ୍ତ ହୁଏ ।

ରାମକୃଷ୍ଣ ଅବହେଳା କରନ୍ତି । ଅନ୍ତର୍ଯ୍ୟାମୀ ଦୂରେଇ ଯାଇଛି । ପଦେ ସ୍ନେହବୋଳା କଥା ତାର ଆଜି ସ୍ୱପ୍ନ ହୋଇଛି ।

ବୀଣାର ଏ ଦୁର୍ଦ୍ଦିନରେ ରାମକୃଷ୍ଣର ସାନଭାଇ ଯାନକୃଷ୍ଣ ଛୁଟିରେ ଘରକୁ ଆସିଛି, ଯାନକୃଷ୍ଣ ସୁସ୍ଥ, ସବଳ, ସୁନ୍ଦର । ସେ କଲିକତାର କୌଣସି କମ୍ପାନୀରେ ଚାକିରି କରେ । ଅବିବାହିତ ଜୀବନରେ ସେ ଉଚ୍ଛୃଙ୍ଖଳ ହୋଇଛି । ବୀଣାକୁ ଦେଖି ହୃଦୟରେ ତାର ଅଶ୍ଳୀଳ ଲାଳସାର ଜୁଆର ଉଠିଛି । କଥା କଥାକେ ହସି ସେ ବୀଣାକୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛି ।

କିନ୍ତୁ ବୀଣା ନୀରବ । ଦୁଃଖରେ ତାର ପ୍ରାଣ ଭରିଯାଇଛି । ସ୍ୱନାଥର ନୀରବତା, ଅନ୍ତର୍ଯ୍ୟାମୀର କୃତଘ୍ନତାରେ ତାରମନପ୍ରାଣ ରାମକୃଷ୍ଣ ଆଡ଼କୁ ଆଉଜି ଯାଇଛି । ରାମକୃଷ୍ଣକୁ ଦେଖିଲେ ତାର ପାଦ ଦୁଇଟି ଉପରେ ମୁଣ୍ଡ ରଖି କ୍ଷମାଭିକ୍ଷା କରନ୍ତା । ରାମକୃଷ୍ଣ ମୁହଁରୁ ପଦେକଥା ଶୁଣି ଶାନ୍ତି ପାଆନ୍ତା ।

କିନ୍ତୁ ବୀଣାର ଭାବନାହିଁ ଭାବନାରେ ରହିଯାଇଛି । ରାମକୃଷ୍ଣର ଦେଖା ନାହିଁ । ଅପେକ୍ଷାରେ ଦିନଗୁଡ଼ିକ ବିତୁଛି । ଆଖିରୁ ଲୁହ ଝୁରି ଆସୁଛି । ସୁଖର ସଂସାର ତାର ଜଳିପୋଡ଼ିଯାଉଛି ।

ଝଡ଼ର ଝପଟରେ ବୀଣା ଶୋଇଯାଇଛି । ଘନକୃଷ୍ଣ ସେକକ୍ଷରେ ପ୍ରବେଶକରି ବୀଣାର ଅସମ୍ବୃତ ବର୍ଣ୍ଣିତ ସୌନ୍ଦର୍ଯ୍ୟ ଦେଖି ବାଉଳେ ଲାଗିଲା । ମାସାଂଶୀ ଶ୍ୱାନପରି ଘନକୃଷ୍ଣର ଆଖିଦୁଇଟି ବୀଣାର ଆପାଦ ମସ୍ତକ ବୁଲି ଆସିଲା ।

ବ୍ଲାଉଜ ବନ୍ଧନ ବକ୍ଷଦେଶ ଉନ୍ନତ ଜଣାପଡ଼ୁଥାଏ । ବାଲୁକା ଦକ୍ଷିଣା ପବନରେ ଶୋଇ ଯାଇଛି । ଗୋଟିଏ ହାତରେ ମୁଣ୍ଡଦେଇ ବୀଣା ଆର ହାତଟି ସ୍ଥୂଳଉରୁପରେ ପକେଇଛି । ଭୟ ଓ ଆଶଙ୍କାରେ ଘନକୃଷ୍ଣର ମୁହଁ ଝାଉଁଳେଇଗଲା ।

ବୀଣାର ନିଦ ଭାଙ୍ଗିଗଲା । ସେ ତାର ଶୟନ କକ୍ଷରେ ଘନକୃଷ୍ଣଙ୍କୁ ଦେଖିଭୟ ଭୀତାହେଲା । ଶାଢ଼ିକୁ ସଜାଡ଼ି ସଂକୁଚିତ ହୋଇ ଖଟର ଗୋଟିଏ କଡ଼କୁ ଚାଲିଲା । ମନେ ମନେ ଅଶାନ୍ତ ଅନୁଭବ କଲେବି ମୁହଁରେ ହସ ଫୁଟେଇ ବାକୁ ଚେଷ୍ଟା କରି ବୀଣା ପଚାରିଲା—ତମେ ଏତେବେଳେ କୁଆଡ଼େ ?

କାମାନ୍ଧ ଘନକୃଷ୍ଣ ବୁଝିଲେନି ବୀଣାର ଅନ୍ତରର କୁଣ୍ଠା । ପରିହାସ କରିସେ କହିଲା—ତମେ ଜାଣିନ ?

ବୀଣାର ମୁଣ୍ଡ ଘୂରି, ଆସିଲା ମନକୁ ମନ ପଚାରିଲା——ପ୍ରକୃତରେ ସେ କଣ ଘନକୃଷ୍ଣର ଅଭିଳାଷ ଜାଣେନି ?

ନିଶ୍ଚୟ ଜାଣେ । ଯୁବକର ଲାଳସାପୂର୍ଣ୍ଣ ଭଙ୍ଗୀ ଯୁବତୀ ପାଖରେ ଅଜ୍ଞାତ ନୁହେଁ । ଯୁଗେ ଯୁଗେ ଯୁବକ ଯୁବତୀର ଅନୁଧାବନ କରି ଆସିଛି । ଯୁବତୀ ମୁହଁରୁ ପଦେକଥା ଶୁଣିବା ପାଇଁ ଲାଳାୟିତ ହୋଇଛି । କିନ୍ତୁ ବୀଣା ବହୁବାର ତା'ଠୁ ଚେତାବନୀ ଶୁଣିଛି, ଘନକୃଷ୍ଣଠୁ ଅବହେଳା ପାଇଛି । ଅନ୍ତର୍ଯ୍ୟାମୀଠୁ ଆଦର ପାଇନି । ଆତ୍ମସମ୍ମାନର ଲାଞ୍ଛନା ବଢ଼ିଛି । ହୃଦୟ ସମୁଦ୍ରର ତାର ତରଙ୍ଗ ଶୂନ୍ୟ ହୋଇଛି । ସେ ମନେ ମନେ ଭାବୁଛି—ସମସ୍ତେ ସ୍ୱାର୍ଥପର ।

ବୀଣାର ଅନ୍ତର ବଦେଇ ଉଠିଲା । ରାମକୃଷ୍ଣର ଫଟୋକୁ ଚୁମ୍ବିଁଲା । ଭଲ ପର କାଳର ଦେବତା ସେ । ସାମର୍ଥ୍ୟ ଦୋଷରେ ଦୂରେଇ ଦେଇଛନ୍ତି । ସ୍ୱାମୀର ଶତ ଦୁର୍ବଳତା ନାରୀ ସହିବାକୁ ବାଧ୍ୟ କିନ୍ତୁ ନାରୀ ବିଷୟରେ ପଦେ ଅଧେ ଶୁଣିଲେ ପୁରୁଷ ଘୃଣା କରେ, ଅବହେଳା କରେ ।

ବୀଣା ଆଖିରୁ ଝରି ଆସିଲା ଲୁହ । ରାମକୃଷ୍ଣ ନୀରବରେ କକ୍ଷ ତ୍ୟାଗକରି ଚାଲିଗଲା । ବୀଣାର ଅନ୍ତର ବୁଝିବାକୁ ସେ ଅସମର୍ଥ ।

ବୀଣା ଶାଶୁ ଘରକୁ ଆସିବାର ଏତେଦିନ ଅତୀତ ହେଲେ ମଧ୍ୟ ବାପା ଭାଇତାର କେହି ଆସିନାହାନ୍ତି । 'ଦେଲା ନାରୀ, ହେଲା ପର' ମତରେ ସେମାନେ ବୀଣାକୁ ତାର ଭାଗ୍ୟସଙ୍ଗେ ଲଢେଇ କରିବାକୁ ଛାଡ଼ି ଦେଇ ଛନ୍ତି ।

ଆରଦିନ କଥା ସନ୍ଧ୍ୟା । ଘଣ୍ଟି ବଜିବା ସଙ୍ଗେ ତାଳଦେଇ ଭୟଙ୍କର ବର୍ଷା ଆସିଲା । ବୀଣା ଚୁପ୍ ହୋଇ ମନମାରି ଶୋଇବା ଘରେ ବସିଛି । ଝରକା ଦେଇ ବାହାରର ଅନ୍ଧକାରକୁ ଚାହିଁ ରହିଛି । ସାମୟିକ ବିଜୁଳି ଝଟକରେ ରାସ୍ତା ଘର ଅସ୍ପଷ୍ଟ ଭାବେ ଦେଖା ଯାଉଛି । ଆଖିରୁ ତାର ଝରୁଛି ଲୁହ । ବେଳ ମିଳିଲେ କାନ୍ଦି କାନ୍ଦି ସେ ଦୁଃଖ ଲାଘବ କରିବା ପାଇଁ ଚେଷ୍ଟା କରୁଛି ।

ବର୍ଷାର ଶୀତଳ ପରିବେଶରେ ସେ ଖୋଜୁଛି ସ୍ୱାମୀଙ୍କର ବାହୁ ବନ୍ଧନର ନିବିଡ଼ ଆଶ୍ଳେଷ ।

ଯୁଗେ ଯୁଗେ ବର୍ଷା ବିରହୀ ବିରହିଣୀ ପ୍ରାଣରେ ଦେଇଛି ବେଦନା । ରାମଗିରିରେ ଯକ୍ଷ ବର୍ଷାକାଳୀନ ସୌନ୍ଦର୍ଯ୍ୟରେ ଅଶାନ୍ତ ଆଉ ଅତୃପ୍ତିର ଶ୍ୱାସ ତ୍ୟାଗ କରି ମେଘକୁ ଦୂତ କରି ତା ସହିତ ପଠାଇଛି ପ୍ରିୟା ପାଖକୁ ସନ୍ଦେଶ । ମେଘମେଦୁର ଗଗନରେ

ନବମେଘ ସନ୍ଦର୍ଶନରେ ଭଞ୍ଜକବିଙ୍କ ନାୟିକାର ସଖୀମାନେ ମହାଦେବଙ୍କୁ ଆକୁଳ ପ୍ରାଣରେ ମଦନାନଳରୁ ରକ୍ଷାପାଇଁ ସ୍ମରଣ କରନ୍ତନ୍ତି । କାବ୍ୟ କବିତାର ଛତେ ଛତେ କବିମାନେ ଗାଇଛନ୍ତି ବର୍ଷାର ଜୟ ଗୀତିକା ।

ଧନକୃଷ୍ଣ ହଠାତ୍ ଘର ଭିତରକୁ ପଶି ଆସି କହିଲା—— ନୂଆ'ଭଜ ପାଗଟା ବେଶ ଭଲ ହେଉଛି ।

ବିରହ ବେଦନା ଭାରାକ୍ରାନ୍ତା ବୀଣା ଧନକୃଷ୍ଣର ଆକସ୍ମିକ ଆବିର୍ଭାବରେ ତ୍ରସ୍ତା ହରିଣୀ ପରି ଏଣେ ତେଣେ ଚାହିଁ ଦେଖିଲା— କିଏ ଆଉ ଦେଖୁଚନ୍ତି ? ବୀଣାର ନୀରବତା ଲକ୍ଷକରି ଧନକୃଷ୍ଣ କହିଲା— ନୂଆ'ଭ, ସବୁଦିନେ କଣ ଖାଲିହାତରେ ଫେରୁଥିବ ?

ବୀଣା ଠିକ୍ କରି ପାରିଲାନି ଏ କାମାନ୍ଧ ଯୁବକକୁ କି ଉତ୍ତର ଦେବ ? ରାହୁ ପରି ତାର ଜୀବନ-ଚନ୍ଦ୍ରକୁ ଗ୍ରାସ କଲାପରି ଚାହିଁଛି । ବୀଣାର ଏକାନ୍ତ ସମ୍ବଳ ଅଶ୍ରୁ ଝରାଇ କହିଲା—ତମେ ଦୟାକରି ଏଠୁ ଗଲ ଧନକୃଷ୍ଣ ।

ବୀଣାର କାତର ଅନୁରୋଧ ଧନକୃଷ୍ଣର କର୍ଣ୍ଣ ସୀମାରେ ପହଞ୍ଚି ପାରିଲାନି । ସେ ବୀଣା ହାତ ଦୁଇଟିକୁ ଧରି ପକେଇଲା ଅସୀମ ଆବେଗରେ ।

ବୀଣା ଥରି ଉଠିଲା । ଭୟରେ ଗାତ୍ର ତାର କମ୍ପି ଉଠିଲା । ହାତଟାକୁ ଝିଙ୍କି ଦେଇ ବାହାରକୁ ପଳେଇବାକୁ ଚେଷ୍ଟାକଲାବେଳେ ଦେଖିଲା—ସୁଲତା ତାର ନଣନ୍ଦ ଦ୍ୱାରମୁହଁରେ ଠିଆ ହୋଇଛି । ମୁଣ୍ଡରେ ବଜ୍ରପାତ ହେଲାପରି ଅନୁଭବ କଲା ବୀଣା । ଧାଇଁ ଯାଇ ଖଟ ଉପରେ ମୁହଁମାଡ଼ି ଶୋଇ କଇଁ କଇଁ ହୋଇ କାନ୍ଦି ଉଠିଲା ।

ସୁରମା ମୁହଁକୁ ବକ୍ରକରି ଯାଉ ଯାଉ କହିଲା—ଆଜି ଏ କାନ୍ଦୀର କାନ୍ଦଣା କାହିଁକି ?

ଛୁଟିଥିଲେବି ଧନକୃଷ୍ଣ କଲିକତା ବାହାରିଲା। ବ୍ୟର୍ଥ ପ୍ରଣୟର ଦାଗ କଠିନ କର୍ତ୍ତବ୍ୟ ମଧ୍ୟରେ ଭୁଲିଯିବା ତାର ଲକ୍ଷ। ଧନକୃଷ୍ଣର ଆକସ୍ମିକ ବିଦାୟରେ ଘର ଭିତରେ ଚୁପ୍ ଚାପ୍ କଥା ବାର୍ତ୍ତାର କ୍ଷୀଣ ସ୍ରୋତ ବହିବାକୁ ଲାଗିଲା। ସୁରମା ବୀଣାକୁ ପଦେ ଅଧେ କଡ଼ା କଥା କହିବାକୁ ଛାଡ଼ିଲେନି।

ବୀଣାର ଜୀବନ ଦୁଃଖମୟ ହୋଇ ଗଲା। ଯୋଉ ନଣନ୍ଦ ପଦୁଏ ନଦେଖିଲେ ବ୍ୟାକୁଳତା ହୋଇ ଯାଉଥିଲା, ସେ ମୁହଁ ମୋଡ଼ିଲା। ଶାଶୁ ସେଇ ରୋଗ ଶଯ୍ୟାରୁ ଖୁଣ୍ଟା ଦେବାକୁ ଆରମ୍ଭ କଲେ। ସାଇପଡ଼ଶାରେ ଅଲକ୍ଷଣୀ ବୋଲି କହିଲେ।

ଚଳଚ୍ଚିତ୍ର ପରି ତା ଆଖିଆଗରେ ଭାସି ଆସିଲା ଅତୀତର ଅନେକ କଥା। ତାର ବିବାହ। ଚଉଠି ରାତି, ବିଶ୍ୱନାଥ, ମରକୃଷ୍ଣ, ଅନ୍ତର୍ଯ୍ୟାମି ଧନକୃଷ୍ଣ, ସୁରମା। କାହାରିକି ସେ ଆପଣାର କରି ପାରିଲାନି। ରାମକୃଷ୍ଣକୁ ପାଇବା ଆଶା ସକାଳର କାକର ପରି ଅଦୃଶ୍ୟ ହୋଇ ଯାଇଛି। ସକଳ ଆଶା ନିରାଶାରେ ପରିଣତ ହେଲେ ମଣିଷ ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇପାରେନା। ଚାରିଦିଗ ତାକୁ ଅନ୍ଧକାର ଦେଖାଯାଏ। ବୀଣାର ଅବସ୍ଥା ଆଜି ଠିକ୍ ସେଇଆ ହୋଇଛି। ରାମକୃଷ୍ଣ ଦୂରେଇ ଯାଇଛି। ସ୍ୱାମୀ ସ୍ତ୍ରୀ ସଂପର୍କ କ୍ରମେ କ୍ରମେ କମି ଆସୁଛି।

ସ୍ୱାମୀଙ୍କର ମୁହଁରୁ ଯେତେ ସବୁର ବୋଲାକଥା ଲାଗି ସ୍ତ୍ରୀ ଶାଶୁଘରର ସମସ୍ତ ଗଞ୍ଜଣା ଅମ୍ଳାନ ବଦନରେ ସହିଯାଏ । ବାପଘରର ସ୍ନେହ ବନ୍ଧନ ଭୁଲି ଯାଏ । ନିବିଡ଼ ଆଶ୍ଳେଷ ପାଇବା ଆଶାରେ ବିଦେଶୀ ସ୍ୱାମୀର ବାଟକୁହିଁ ଚାହିଁଥାଏ । ଦିବସର କ୍ଳାନ୍ତ ସ୍ୱାମୀର ଛାତି ଉପରେ ମୁଣ୍ଡ ରଖି ଦୂର କରେ । ଅଭିଳାଷ ପୂରଣ ନହେଲେ ମନ କୁଳ ଭାଙ୍ଗି ଏଣେ ତେଣେ ଧାଏଁ ।

ସାମାଜିକ ବ୍ୟବସ୍ଥା ପ୍ରତି ଅଭିଶାପ ବର୍ଷଣ କରି ବାଣୀ ମନେ ମନେ ସ୍ଥିର କରିବାକୁ ଯାଉଛି ତାର ସ୍ୱପ୍ନେ ଯନ୍ତ୍ରା । ପୁରୁଷ ଆଉ ସ୍ତ୍ରୀର ସମ୍ପର୍କ ମଧୁର ନହେଲେ । ପୁରୁଷ ସ୍ତ୍ରୀର ଜୀବନ ଯୌବନ ପ୍ରତି ସମ୍ମାନ ପ୍ରଦର୍ଶନ ନକଲେ ନାରୀ କାହିଁକି ପୁରୁଷର ବେଖାତିର ଭାବ ନୀରବରେ ମୁଣ୍ଡ ପୋତି ସହିବ ? କାହିଁକି ସେ ସମାଜର ନୀତି ମାନିବ ?

ବାଣୀ ଚାହିଁଥିଲା ନିଜର ସଂସାର । ସ୍ୱାମୀଙ୍କର ଔଦାସୀନ୍ୟ, ଅବହେଳା ତାର ଆଶା ଆକାଶ କୁସୁମ ହେଉଛି । ବାଣୀ ମନ ବିଦ୍ରୋହ କରୁଛି । ପୁରୁଷର ଶତ ଦୁର୍ବଳତା ସତ୍ତ୍ୱେ ସେ ଯଦି ନାରୀର ସାମାନ୍ୟ ତ୍ରୁଟି ମାର୍ଜନା କରିବାକୁ ଅକ୍ଷମ ଓ ଦୁର୍ବଳ ତେବେ ସେ କାହିଁକି ତାଙ୍କର ବାଟକୁ ଚାହିଁ ଶାଶୁ ଘରର ଯାତନାମୟ ପରିବେଶ ମଧ୍ୟରେ ରହିବ ? ଭରା ଯୌବନରେ ଉଚ୍ଛୁଳମାନ୍ ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇ ସେ କାହିଁକି ସ୍ୱାମୀର ଅବହେଳାରେ ଅବହେଳିତା ହେବ ?

ପାଇବାର ଆଶାଥିଲେ ପ୍ରାଣୀ ପ୍ରତୀକ୍ଷା କରେ । ଦୁଃଖ ମୁଣ୍ଡ ପାତି ସହେ । ବାଣୀ ଅସହିଷ୍ଣୁ ହେଉଛି । ବାଣୀ ବାପଘରକୁ ଗଲା ।

ବୀଣା ବାପଘର କୋଠା ଉପରେ ଠିଆ ହୋଇ ଚାହିଁ ରହିଛି । ପଶ୍ଚିମାକାଶରେ ଲୁଚି ଯାଉଥିବା ସୂର୍ଯ୍ୟଙ୍କର ସୁନେଲି କିରଣମାଳା ଆଡ଼େ । ବସ୍ତାରେ ଜମି ଆସୁଛି ଘଚଳା ଅନ୍ଧକାର । ଶାନ୍ତ ନୀରବ ଘର ସନ୍ଧ୍ୟା ଅପସରି ଯାଉଛି । ଅଦୂରରୁ ଭାସି ଆସୁଛି ଗୋପାଳ ବାଳକର ଶୀତଳ ସଙ୍ଗୀତ ।

ବିବାହର ଦୁଇ ବରଷ ପରେ ବୀଣାର ଜୀବନର ସବୁକିଛି ଓଲଟପାଲଟ ହୋଇ ଯାଇଛି । ଜୀବନ ଚକ୍ରରେ ତାର ଦେଖା ଦେଉଛି ବିଷାକ୍ତ କୀଟ । ସିମିତ ଜୀବନ ତାର ଲକ୍ଷ୍ୟହୀନ ହୋଇଛି । ହୃଦୟସାଗରରେ ଅକାଳ ଝଡ଼ ମୁଣ୍ଡ ଟେକୁଛି ।

ସ୍ୱାମୀ ସୁଖରୁ ବଞ୍ଚିତା ହୋଇ ସେ ଧାଇଁ ଆସିଛି ବାପଘରକୁ ବିଶ୍ୱନାଥର ଉପଦେଶ । ଅନ୍ତର୍ଯ୍ୟାମୀର ଆଦର ଯତ୍ନ ସଗରବୋଳା କଥା ତାକୁ ଦେବ ଆଶ୍ୱାସନା । ମା ଭଉଣୀଙ୍କ ନିକଟରେ ସେ ଭୁଲିଯିବ ତାର ଦୁଃଖ ।

ପଲ୍ଲୀସନ୍ଧ୍ୟାର କମନୀୟ ପରିବେଶ ରେ ବୀଣାର ମନବୀଣାରେ ବେସୁରା ରାଗିଣୀ ବାଜୁଛି । କ୍ଲାନ୍ତନୟନ କେବଳ ତାର ଆଜି ଆନତ । ଆଖିରେ ଭରିଯାଉଛି ଅଶ୍ରୁ । ସଜ୍ଜହୋଇ ପଲ୍ଲୀବଧୂ ଫେରିଲେଣି ଘରକୁ । ସ୍ୱାମୀ ତାର ଆସିବେ । ଲଜ୍ଜାଭରା ମୁହଁରେ ଓଢ଼ଣା ଟାଣି ସେ ଧୀରେ ଧୀରେ କହିବ ମନର ଗୋପନକଥା । ରାତିର ନୀରବ ଅନ୍ଧକାରରେ ସ୍ୱାମୀର ଛାତିରେ ମୁଣ୍ଡରଖି ଶୁଣିବ ଯଉବନର କାହାଣୀ ।

ବୀଣା ଆଜ ଶୂନ୍ୟହସ୍ତା । ହବାହକଙ୍କ ମଧ ବୈବାହିକ ସୁଖ ଫାଟି ଫୋଟକା ପରି ଫୁଟି ଯାଉଛି । ସଂସାର ସାଗରରେ ଡଙ୍ଗା ତାର ବୁଡ଼ି ଯାଉଛି । ସେ ଖୋଜୁଛି ଆଶ୍ରୟ ।

ସ୍ତବ୍ଧତାର କରତି ହେଲା । ଅଶାନ୍ତ ଅନଳ କୋମଳ ତନ୍ତ୍ରୀ ଗୁଡ଼ିକୁ ଜାଳିଲା ।

ତଳେ ଅପାକୁ ନ ଦେଖି ବାଣୀ ଉପରକୁ ଗଲା । ଦୁଃଖିତା ଅପାର ମନଦୁଃଖ ସେ ଜାଣିଛି । ଅବସ୍ଥା ବଦଳେଇ ଦେବାଲାଗି କହିଲା—ଅପା ତଳକୁ ଆ, ଏକୁଟିଆ ଏଠି କାହିଁକ ଠିଆ ହୋଇଛୁ ?

ବାଣୀର କଥାରେ କାନ୍ଦି ଉଠିଲା ବୀଣା । ସାନଭଉଣୀକୁ କୁଣ୍ଢେଇ ସେ ଫୁଲି ଫୁଲି କାନ୍ଦିବାକୁ ଲାଗିଲା । ଖୋଲା ଆକାଶ ତଳେ ଦୁଇଭଉଣୀ କାନ୍ଦି କାନ୍ଦି ମନର ବେଦନା ମେଣ୍ଟେଇ ତଳକୁ ଆସିଲେ ।

ବୀଣା ଅବସ୍ଥାରେ ପରିବର୍ତ୍ତନ ହେଲାପରେ ବାଣୀ ଅପାକୁ ଖଣ୍ଡେ ଚିଠି ଦେଇ କହିଲା—ଅନ୍ତର୍ଯ୍ୟାମୀ ନନା ଦେଇଛନ୍ତି । ତାଙ୍କର କୁଆଟର ଦୂରକୁ ବଦଳି ହୋଇଯାଇଛି ।

ଅନ୍ତର୍ଯ୍ୟାମୀର ଚିଠି ଖଣ୍ଡିକ ହାତରେ ଧରି ବୀଣା କାନ୍ଦିଲା । କାନ୍ଦିବାହିଁ ଅସହାୟା ନାରୀର ସମ୍ବଳ । ପ୍ରେମାନୁରାଗିଣୀ ବୀଣା ଆଜ ହତାଶାର ସାହାରାରେ ଛଟପଟ ହଉଛି । ବାଣୀ ଅବିବାହିତା । ସେ କଣ ବୁଝିବ ବୀଣାର ମରମ ବେଦନା ? ପୁରୁଷର କଠିନ କର ପରଶରେ ଲାଜକୁଳି ଲତାପରି ଝାଉଁଳି ପଡ଼ିଥିଲେ ସିନା ବିରହ ବେଦନା ବୁଝିହେବ ।

ବୀଣା ଚିଠି ଖୋଲିଲା ।

ବୀଣା,

କର୍ତ୍ତବ୍ୟର କଠୋର ତାଡନାରେ ମୁଁ ଆଜ ଦୂରେଇ ଯାଉଛି ତୁମର ଦୃଷ୍ଟି ସୀମାରୁ । ତୁମେ ତୁମର ସୁଖର ସଂସାର ଭିତରେ ମୋତେ ଭୁଲିଯିବାକୁ ଚେଷ୍ଟା କର । ତୁମ ପ୍ରତି ମୋର ଦୁର୍ବଳତା ଥିଲା । ଦୁର୍ବଳତା ନ ଥିଲେ ଭଲପାଇବା ଗାଢ଼ତର ହୋଇପାରେନା ତୁମର ଆଦର୍ଶ ମୋ ହୃଦୟ ପଟରେ ଲିଖିତ ହୋଇ ରହିଲା ସବୁଦିନ ପାଇଁ । ଅତୀତକୁ ଅତୀତରେ ରଖି ବର୍ତ୍ତମାନକୁ ସରସ କର । ଭବିଷ୍ୟତ ତୁମର ସରସ ହେଉ । ଇତି ।

ଅନ୍ତର୍ଯ୍ୟାମୀ

ବୀଣା ପଢ଼ାଶେଷ କଲା ବେଳକୁ ଶଟିଟି ଲୁହରେ ଓଦା ହୋଇ ଗଲାଣି । ସ୍ୱପ୍ନକୁଞ୍ଜର ଅବହେଳା ଅନ୍ତର୍ଯ୍ୟାମୀର ଆଦରରେ ଭୁଲି ଯାଇଥାନ୍ତା । କିନ୍ତୁ ସେ କାମନା ଆଜ ଆକାଶକୁସୁମ ହୋଇଯାଇଛି ।

ଦୁର୍ଭାଗ୍ୟ କେବେ ଏକାକୀ ଆସେନା । ସାଙ୍ଗରେ ଆଣିଥାଏ ଅଶାନ୍ତି ଦୁର୍ବିପାକ ରୋଗ, ଦୁର୍ଘଟଣା । ବୀଣା ଯେଉଁ ଡାଳକୁ ଧରୁଛି ସେ ଡାଳ ଛିଣ୍ଡୁଛି ।

ବୀଣା ରୋଗଶଯ୍ୟାରେ । ସୁଗଠିତ ସୁସ୍ଥ ତନୁ ଯୋଉଥିଲା ସାରହୀନ ହେଲାପରି ବୀଣାର ଅନ୍ତର ହୋଇଛି ସାରହୀନ । ଶରୀର ମାନସିକ ଦୁଶ୍ଚିନ୍ତାରେ ସେ ହରେଇ ବସିଛି ଆତ୍ମତୃପ୍ତି ଓ ଧୈର୍ଯ୍ୟର ଶକ୍ତି । ମନର ଅସ୍ଥିରତା ଓ ଅସୁସ୍ଥତା ସଙ୍ଗେ ଶାରୀରିକ ପୀଡ଼ା ତାକୁ

କରୁଛି ଶଯ୍ୟା ଶାୟିନୀ । ଗିରି ଝରଣାପରି ଚପଳା ବାଣୀ ପଥର ପାଲଟିଛି । ସଜଫୁଟା ଗୋଲାପ-ସୁନ୍ଦର ମୁଖମଣ୍ଡଳ ହୋଇଛି ଶୁଷ୍କ, ଭ ହରିଣୀ ଜଣା ନୟନ ଦ୍ୱୟ ହୋଇଛି ଗତିହୀନ । ଚିକ୍କଣ ଗଣ୍ଡମଣ୍ଡଳ ହୋଇଛି ରଙ୍ଗହୀନ । ସୌନ୍ଦର୍ଯ୍ୟର ପ୍ରତି ମୂର୍ତ୍ତି ବାଣୀ ଅସୁନ୍ଦର ତାର କେନ୍ଦ୍ରସ୍ଥଳୀ ହୋଇଛି ।

ବାଣୀ ଅପାର ଦୁଃଖ ଭୋଗୁଛନ୍ତି । ବାଣୀର ଜନ୍ମଅବଧିରେ ସେ ଦୁଃଖିତା ହୋଇଛି । କଅଁଳ କୁମାରୀ ଜୀବନ ନେଇ ବାଣୀ ଦୁନିଆକୁ ଗଢ଼ିଥିଲା ରଙ୍ଗୀନ ଓ ସୁନ୍ଦର କିନ୍ତୁ ବାଣୀର ଦୁର୍ଭାଗ୍ୟ ତା ପ୍ରାଣରେ ସୃଷ୍ଟି କରିଛି ଗଭୀର ବେଦନା । ରଙ୍ଗୀନ ସ୍ୱପ୍ନ ତାର ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ନଷ୍ଟ ହୋଇଛି । ମନ ତରଙ୍ଗରେ ସେ ଚଞ୍ଚଳ କରୁଛି ଅପାର ବିବାହ ଓ ତାର ପରିଣତି ।

ନାରୀ ଜାତିର ଏ ନିର୍ମମ ପରିଣତି ନିମନ୍ତେ କିଏ ଦାୟୀ ତାର ସ୍ୱଭାବ ବାଣୀ କରିପାରିନି । ଆହତ ସୈନିକ ପରି ସେ କ୍ଷତବିକ୍ଷତା ହୋଇ ଶଯ୍ୟା ଶାୟୀ ହୋଇଛି ।

ଡାକ୍ତର ମତଦେଲେ ମେଣ୍ଟାଲ ସକ୍ । ମନର ପରିବର୍ତ୍ତନ ନିମନ୍ତେ ଚେଷ୍ଟାକଲେ ଯଦି କିଛି ଫଳ ଫଳେ ତେବେ ଶାରୀରିକ ଅସୁସ୍ଥତା କ୍ରମେ କମି ଆସିବ ।

ରାମକୃଷ୍ଣର ଚିନ୍ତାଧାରା ଗୋଳମାଳିଆ ହୋଇଗଲା । ବାଣୀର ଏ ଅବନତି ତାର ମନରେ ପ୍ରବଳ ଆଲୋଡ଼ନ ସୃଷ୍ଟି କଲା ।

ସେଇଦିନ ଠାରୁ ସେ ଘରକୁ ଯାଇନ । ବୀଣା ନିକଟକୁ କୌଣସି ଚିଠି ବି ଦେଇନ । ନିଜ ଇଚ୍ଛାରେ ବୀଣାକୁ ସେ ପସନ୍ଦ କରିଥିଲା । ବୀଣାର ଭାଇ ସଙ୍ଗେ ତାଙ୍କ ଘରକୁ ଯାଇ ବୀଣାର ସୌନ୍ଦର୍ଯ୍ୟରେ ମୋହିତ ହୋଇଥିଲା । ବିବାହ ପରେ ବନ୍ଧୁ ଓ ବୋହୂ ମଧ୍ୟରେ ଭାରସାମ୍ୟ ରକ୍ଷିବାକୁ ଚେଷ୍ଟା କରିଥିଲା । କୌଣସି ଦିନ ବୀଣାର ଅବହେଳା କରି ନଥିଲା । ତେବେ ବୀଣା କାହିଁକି ବାଟ ହୁଡ଼ିଲା ? ବେଳେ ବେଳେ ଏଇମିତି ଚିନ୍ତା କରେ । ରାମକୃଷ୍ଣ ଶେଷଆଡ଼କୁ ଆଉ ଭାବିପାରେନି ।

କ୍ଲାସରେ ବେଳେ ବେଳେ ଅନ୍ୟମନସ୍କ ହୁଏ । ପ୍ରଫେସରଙ୍କର ଗବେଷଣା ପୂର୍ଣ୍ଣ ବକ୍ତୃତା ତାର ମନ ଦଖଲ କରିପାରେନି । ପ୍ରଫେସର ମହାନ୍ତି ବିରକ୍ତ ହୁଅନ୍ତି । କିନ୍ତୁ ରାମକୃଷ୍ଣଙ୍କର ପରିବର୍ତ୍ତନ ହୁଏନି ।

ଅତି ଆପଣାର ବ୍ୟକ୍ତି ଠକିଲେ ଅନ୍ତର ଜଳିଉଠେ । ନିଜର ବିବାହିତା ପତ୍ନୀ ପରପୁରୁଷ ନିକଟରେ ପ୍ରେମ ନିବେଦନ କଲେ ପୁରୁଷ ନୃଶଂସ ହୁଏ ; କୁସୁମେ କୀଟ ରାମକୃଷ୍ଣର ହୃଦ୍ୟନ୍ତ୍ରଣା ।

ରାମକୃଷ୍ଣର ଏ ବ୍ୟତିକ୍ରମ ଲକ୍ଷ କରୁଥାଏ ଉଷା । ଲମ୍ବା ପତଳା ଗୋରା ଝିଅଟିଏ ରାମକୃଷ୍ଣର ସହପାଠିନୀ । କ୍ଲାସରୁ ବାହାରି ଗଲାବେଳେ ରାମକୃଷ୍ଣ ପାଖକୁ ଯାଇ କହେ—ରାମକୃଷ୍ଣ ବାବୁ ? ଆପଣଙ୍କର ଦେହ କଣ ଅସୁସ୍ଥ ?

ରାମକୃଷ୍ଣ ଠିଆ ହୋଇ ଯାଏ । ଉଷା ମୁହଁକୁ ଚାହେଁ । ନାଲି ଓଠ ଧାରେ ଧାରେ ଉଷାର ଖେଳୁଥାଏ ସ୍ମିତହାସ । ଆଖିରେ ତାର ଆଶାର ଚମକ । ରାମକୃଷ୍ଣର ଚାହାଣୀ ରେ ସେ ମୁହଁ ପୋତି କହେ —କ୍ଷମା କରିବେ ।

ଉଷା ଭୁଲିଯାଏ । ରାମକୃଷ୍ଣ ନୀରବରେ ତାର କଥା ଭାବେ । ଉଷା ବାସ୍ତବ ଏକ ଜ୍ୟୋତିର୍ମୟୀ । ନାରୀ । ତାକୁ ଠକୁଛି । ଉଷା ଭଲପାଇବାକୁ ଚେଷ୍ଟା କରୁଛି । ତା ସମ୍ମୁଖରେ ନାରୀ ଏକ ରହସ୍ୟବୃତ୍ତ ଅବୋଧ ଜୀବ ପରି ମନେ ହୁଏ । ସନ୍ଦେହପ୍ରବଣ ତାର କାହାରିକୁ ବିଶ୍ୱାସ କରେନା । ରାମକୃଷ୍ଣର ସ୍ୱାସ୍ଥ୍ୟର କ୍ରମ ଅବନତି ଉଷା ଲକ୍ଷକରେ । ବ୍ୟସ୍ତହୁଏ । ସେ ରାମକୃଷ୍ଣଙ୍କୁ ଦେଖିଲା ଦିନୁ ତା ମନରେ ଦୁର୍ବଳତା ଦେଖା ଦେଇଛି । ସ୍ଥିର ମନ ତାର ଅସ୍ଥିର ହୋଇଛି । ରାମକୃଷ୍ଣର ଚଞ୍ଚଳତା ଲୁଚି ଯାଉଛି । ସଦା ହସ ହସ ମୁହଁଟି ତାର ମଳିନତାରେ ଭରିଯାଇଛି ।

ରାମକୃଷ୍ଣ ବି. ଏ. ପାଶ କରିବା ପରେ ପରେ ଏମ୍. ଏ. ପଢ଼ିବାକୁ ମନକଲେନାହିଁ । ତାର ମାନସିକ ଅଶାନ୍ତି ତାର ପ୍ରଧାନ କାରଣ ଉଷା ତାର ବି. ଏ. ଶ୍ରେଣୀର ସହପାଠିନୀ । ତେଣୁ ଆସି ଶିକ୍ଷକ ତାଲିମ କଲେଜରେ ଯୋଗଦେଇଛନ୍ତି ।

ଶିକ୍ଷକ ଜୀବନ ଶାନ୍ତିମୟ । ସହରଠାରୁ ଗାଁ ଗହଳର ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଜୀବନ ଯାପନ କରିବାର ସୁବିଧା ମିଳିବ । ଶହ ଶହ ଛାତ୍ର ଛାତ୍ରୀଙ୍କ ମେଳରେ ଶିକ୍ଷକଙ୍କୁ ଦୁଃଶ୍ଚିନ୍ତା ଗ୍ରସ୍ତ ହେବାକୁ ଅବସର ମିଳେନା । ରାମକୃଷ୍ଣ ଶିକ୍ଷକତା କରିବା ଉଦ୍ଦେଶ୍ୟରେ ହିଁ ତାଲିମ ନେଉଛି ।

ତାଲିମ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ ମାନଙ୍କର ସସ୍ନେହ ଆଦର ଯତ୍ନ ଓ ପ୍ରାଣଖୋଲା ମିଳାମିଶାରେ ରାମକୃଷ୍ଣ ଉତ୍ଫୁଲ୍ଲିତ ହୋଇଛି । ଦୈନନ୍ଦିନ ଗୁରୁକର୍ତ୍ତବ୍ୟ ମଧ୍ୟରେ ସେ ନିଜକୁ ବୁଡ଼େଇ ରଖି ଚେଷ୍ଟାକରୁଛି ଭୁଲିଯିବା ପାଇଁ ତାର ଅତୀତ । ବର୍ତ୍ତମାନରେ ହିଁ ଶାନ୍ତି ପାଇବା ହେଉଛି ତାର ଲକ୍ଷ । ବୀଣାଝଙ୍କୃତ ସମେ ଧୂଆଁଳିଆ ହୋଇ ଯାଉଥିଲା ବେଳେ ଉଷାର ସାନ୍ନିଧ୍ୟ ତାର ପୁରାତନ

ଷତରେ ଜ୍ୱାଳା ଆରମ୍ଭ ହୋଇଛି । ପୁଣି ଦେଖାଦେଉଛି ତାର ଅନ୍ୟମନସ୍କତା ।

କିନ୍ତୁ ରାମକୃଷ୍ଣ ଉଷାର ନିକଟବର୍ତ୍ତୀ କେବେ ହୋଇନି । ସମସ୍ତେ ପରିହାସ କଲାବେଳେ ରାମକୃଷ୍ଣ ନୀରବ ଥାଏ । ରାମକୃଷ୍ଣର ଏ ବ୍ୟତିକ୍ରମ ଉଷା ଲକ୍ଷକରେ । ତା ଘୁଏଁ ଘୁଏଁ ସେ ରାମକୃଷ୍ଣର ନିକଟବର୍ତ୍ତୀ ହେଉଛି । ତା ସଙ୍ଗେ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କରୁଛି । ରାମକୃଷ୍ଣ ଉଷାର ନିକଟବର୍ତ୍ତୀ ହେଲେ ବାଟ ଭାଙ୍ଗି ଚାଲିଯାଏ । ପୁରୁଷ ହୃଦୟ ଜୟ କରିବାର ଗର୍ବ ତାର ଭାଙ୍ଗି ଯାଇଛି ।

ଏ ସବୁ ଅତୀତର କଥା । ଏବେ ପୁଣି ସେମାନେ ଏକତ୍ରିତ ହୋଇଛନ୍ତି । ତାଲିମ କଲେଜର ସୀମିତ ପରିବେଶ ମଧ୍ୟରେ । ଉଷା ଓ ରାମକୃଷ୍ଣ ଏକ କଲେଜର ପୂର୍ବ ଛାତ୍ର ଓ ଛାତ୍ରୀ ଅନ୍ୟମାନେ ସମସ୍ତେ ଅପରିଚିତ ।

ରାମକୃଷ୍ଣର କଟଣ୍ଡିତା ଉଷା ମନରେ ଗଭୀର ଦୁଃଖଦେଇଛି ସେ ବୁଝିବାକୁ ଚେଷ୍ଟା କରୁଛି ରାମକୃଷ୍ଣର ହୃଦୟ ବେଦନା ।

ଆଜିର ଉଷା ଅତୀତର ଚପଳା ଛନ୍ଦମୟୀ ଉଷା ନୁହେଁ । ସେ ସ୍ଥିର ହୋଇଯାଇଛି । ଗ୍ରାମ୍ୟ ସରଳା ପଲ୍ଲୀବାଳାଟିଏ ସାଧାସିଧା ହୋଇଯାଇଛି । ରାମକୃଷ୍ଣର ଦାମ୍ଭିକ ତାକୁ ବାଧ୍ୟ କରୁଛି ପରିବର୍ତ୍ତିତ ହେବାପାଇଁ ।

କିନ୍ତୁ ରାମକୃଷ୍ଣ ମାଡ଼ହେରା ହୋଇ ହତାଶାବାଦୀ ହୋଇଯାଇଛି ସୁନ୍ଦରୀ ଯୁବତୀର ହସ ହସ ମୁଖମଣ୍ଡଳ ଦର୍ଶନରେ ସେ ଆନନ୍ଦିତ ହୋଇପାରୁନି । ବନ୍ଧୁ ମାନଙ୍କର ହସ ହସ ପୂର୍ଣ୍ଣ ତରଳ ଚପଳ ଆଲୋଚନାରେ ଯୋଗଦେଇପାରୁନି । ଗଭୀର କର୍ତ୍ତବ୍ୟରେ ନିଜକୁ

ନିମନ୍ତ୍ରିତ କରିଥିଲେ ମଧ୍ୟ ବୀଣାର ସ୍ମୃତି ତାଙ୍କୁ ବେଳେ ବେଳେ ଅନ୍ୟମନସ୍କ କରୁଛି ।

ସୁଯୋଗ ଥରେ ଆସେ । ସେ ଥରକରେ ଯେ ସୁଯୋଗର ସଦବ୍ୟବହାର କରିପାରେ, ସେ ପାଏ ସବୁଦିନପାଇଁ । ଯେ ଗ୍ରହଣ ନ କରେ ସେ ସବୁଦିନପାଇଁ ଅନୁତାପ କରେ । ଦୁଃଶ୍ଚିନ୍ତାଗ୍ରସ୍ତ ହୁଏ । ଅଶାନ୍ତି ଓ ନିରାଶାରେ ମୁଣ୍ଡ ବାଡେଇ ହୁଏ । କିନ୍ତୁ ଯାହା ହେବାର କଥା ତା ହୋଇଯାଏ । ସୁଯୋଗ ସମୟକୁ ଅପେକ୍ଷା କରେନି ।

ଉଷା ନିଜର ଅଜାଣତରେ କ୍ରମେ ରାମକୃଷ୍ଣଙ୍କୁ ଭଲପାଇ ବସିଲା । ରାମକୃଷ୍ଣଙ୍କ ଚିକ୍କଣ ଶ୍ୟାମଳ ଚେହେରା, ବୁଦ୍ଧି, ବିବେକ, ଉପଯୁକ୍ତ ବ୍ୟବହାରରେ ସେ ଆକର୍ଷିତା ହେଲା । ତା ସଙ୍ଗେ ସଙ୍ଗେ ରାମକୃଷ୍ଣର ସୁଖ ଦୁଃଖରେ ନିଜକୁ ଜଡ଼ିତ କରିବାକୁ ଚେଷ୍ଟାକଲା । ରାମକୃଷ୍ଣ କ୍ରମେ ବୀଣାକୁ ଭୁଲିବାକୁ ଚେଷ୍ଟାକଲା । ଉଷାର ବ୍ୟବହାର, ତରୁଣୀ, ସୌନ୍ଦର୍ଯ୍ୟ ବିଶେଷତଃ ପତଳା ଚେହେରା ପ୍ରଧାନ ଆକର୍ଷଣୀୟ ଥିଲା ।

ଅବସର ମିଳିଲେ ରାମକୃଷ୍ଣ ଉଷା ସଙ୍ଗେ କଥାବାର୍ତ୍ତା ହୁଏ । ନିଜର ଅଜାଣତରେ ଦୁଃଖ ଭୁଲିବାକୁ ଚେଷ୍ଟାକରେ ।

ଉଷା ରାମ କୃଷ୍ଣର ବନ୍ଧୁଙ୍କ ଅନ୍ୟମାନଙ୍କ ସମ୍ମୁଖରେ ସମାଲୋଚନା ବସ୍ତୁ ହୋଇ ଉଠିଲା । ଯୁବକ ବନ୍ଧୁମାନେ ରାମ-କୃଷ୍ଣକୁ ଉପହାସ କରନ୍ତି । ବିବାହ ହୁଅନ୍ତା ବୋଲି ପଡ଼ୁ ବୋଲି ମନ୍ତବ୍ୟ ପ୍ରକାଶ କରନ୍ତି । କିନ୍ତୁ ରାମକୃଷ୍ଣ ବିଚଳିତ ହୁଏନି । ଉଷାକୁ ସବୁ ଶୁଣାଏ । ଉଷା ହସେ, ମରିବେ ମରିବେ କହେ—ସେମାନଙ୍କ ମନ୍ତବ୍ୟ ସତ୍ୟରେ ପରିଣତ ହେଲେ ସେମାନଙ୍କର ମୁହଁ ବନ୍ଦ ହୋଇଯିବ ।

ରାମକୃଷ୍ଣ ଉଷାର କଥାରେ ଚମକି ପଡେ । ଉଷା ଲଜେଇ ଲଜେଇଯାଏ । ଟିକ୍‌କଣ ଶୁଭ୍ର ଗାଲୁକ ଉପରେ ଲାଲ ରଙ୍ଗ ଉକୁଟି ଉଠେ । ସେ ସ୍ଥାନ ତ୍ୟାଗକରି ଚାଲିଯାଏ । ରାମକୃଷ୍ଣ ଉଷାର ଯିବା ବାଟକୁ ଚାହିଁ ଚିନ୍ତାକରେ—ସେ କଣ ସତରେ ଉଷାକୁ ବିବାହ କରି ପାରିବ ? ଅସମ୍ଭବ । ସେ ବିବାହିତ । ଘରେ ତା ସ୍ତ୍ରୀ ଅଛି । ସମାଜରେ ନିଜର ଦୁଃଖ ଦୁଃଶ୍ଚିନ୍ତା ପ୍ରକାଶିତ କରିବା ଉଚିତନୁହେଁ । ବିବାହ ପରେ ସବୁ ଫୁଟି ଉଠିବ । ଉଷା ଜାଣିବ । ବାପ ମାଆ ଜାଣିବେ । ସାମଜଙ୍କ ମାନ ସମ୍ମାନ ସବୁ ନଷ୍ଟହୋଇଯିବ ।

ରାମକୃଷ୍ଣ ଚିନ୍ତା କରି ପାରେନି । ଦେଖେ ଆଗରେ ଉଷାର ଘଣତ ଲୁଚି ଯାଉଛି । ଆଖି ସମ୍ମୁଖରେ ତାର ସପନ ପ୍ରତିମା ଫରି ଉଷାର ମୁଖମଣ୍ଡଳ ଝଲସି ଉଠେ । ନଟେ ଉଷା ମୁହଁ ପାଖରେ ଅସ୍ପଷ୍ଟହୋଇ ବୀଣାର ମୁହଁଟି ଦେଖାଯାଏ—ବୀଣା ଆଖିରୁ ଝରୁଛି ଲୁହ । ମୁହଁ ଶୁଖିଯାଇଛି । ବୀଣାର ସୁନ୍ଦର ଫୁରନ୍ତା ମୁଖମଣ୍ଡଳ ନିଷ୍ପ୍ରଭ ହୋଇଯାଇଛି ।

ରାମକୃଷ୍ଣର ମନ ବୀଣାର ସବୁତକ ତାର ଏକାଧାରକେ ଛିଣ୍ଡି ଛିନ୍ନ ଭିନ୍ନ ହୋଇଯାଏ । ଅବ୍ୟକ୍ତ ସମ୍ମିଳିତ ଧ୍ୱନି ପ୍ରକାଶ କରି ହୃଦୟ ତାର ଚିତ୍କାର କରି ଉଠେ । ରାମକୃଷ୍ଣ ବସାକୁ ଫେରେ ।

ଛାତ୍ର ଛାତ୍ରୀ ଅଧ୍ୟାପକ ମାନଙ୍କ ଗହଣରେ ରାମକୃଷ୍ଣ ଭ୍ରମଣରେ ବାହାରିଲା । ବାହାରେ ବୁଲି ଆସିଲେ ମାନସିକ ପରିବର୍ତ୍ତନ ହେବାର

ଅନେକ ସମ୍ଭାବନା । ଶାରୀରିକ କ୍ଲାନ୍ତି ମାନସିକ ଅବସାଦ ଦୂର କ ହଏ ।

ସେଦିନ ରବିବାର । ଦୁଇ ତିନିଦିନ ଲଗାତାର ଭାବେ ବର୍ଷା ହୋଇଯିବା ପରେ ଆକାଶ ପରିଷ୍କାର ହୋଇଯାଇଥାଏ । ରାସ୍ତା ଘାଟରେ ଧୂଳିନଥାଏ । ରବିବାର ସକାଳଟା କଟକ ରାସ୍ତାର ଗହଳ ନଥିବା ଭଳି ଜଣାପଡ଼େ । ଦୋକାନୀ ମାନେ ନିଜ ନିଜ ବସାରେ ନେଉଥାନ୍ତି ସପ୍ତାହଶେଷ ବିଶ୍ରାମ । ଅଳସୁଆ ସହର ବସି ବସି ହାଇ ମାରୁଥାଏ ଯିମିତି । ଝାଁ ଝାଁ ଟୋକେ ଯିଟା ରିକ୍ସା, କାର୍ ସାଇକେଲ୍ ରାସ୍ତାର ନିର୍ଜନତା ଭଙ୍ଗ କରୁଥାଏ ।

ରାଲମ କଲେଜର ଛାତ୍ରଛାତ୍ରୀମାନେ ଆବଶ୍ୟକୀୟ ଜିନିଷପତ୍ର ବ୍ୟାଗରେ ରଖି, ବ୍ୟାଗଟିମାନ କାନ୍ଧରେ ଝୁଲେଇ ଚାଲିଲେ ଷ୍ଟେସନ ଆଡ଼େ । ଆଜି ଚାଲି ଚାଲି ସେମାନେ ରାସ୍ତା ଘାଟ ପ୍ରାକୃତିକ ଅପ୍ରାକୃତିକ ଦୃଶ୍ୟାବଳୀ ଦେଖିବା ଲାଗି ଇଚ୍ଛା କରିଛନ୍ତି ।

ରାଲମ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାହିଁ ଅବିଶ୍ୱାସ ଓ ସନ୍ଦେହ । ହୃଦୟ ଖୋଲି ସେମାନେ ଭାଇ ଭଉଣୀ ପରି କଥାବାର୍ତ୍ତା କରନ୍ତି । ସରକାରଙ୍କ ସହଶିକ୍ଷା ଯୋଜନା ଏଠାରେ ଯିମିତି ସତକଥା ଶତେ ସଫଳ ହୋଇଛି । ଭବିଷ୍ୟତ ଜୀବନ ସଂଗ୍ରାମ ଲାଗି ପ୍ରସ୍ତୁତ ହେଲବେଳେ ସେମାନେ ଏଠାରେ ସମସ୍ତେ ସମାନବୋଲି ଅନୁଭବ କରନ୍ତି । ସମସ୍ତଙ୍କର ଏକଲକ୍ଷ୍ୟ, ଗନ୍ତବ୍ୟକାଳେ ସମସ୍ତଙ୍କର ହେବ ସମାନ ଦରମା ।

କଟକ ଷ୍ଟେସନ । ଜନାକୀର୍ଣ୍ଣ କଟକ ସହରର ସ୍ୱାଭାବିକ ଜନଗହଳି ଅପରିଚ୍ଛନ୍ନତାର ସମାବେଶରେ ଷ୍ଟେସନ ପ୍ଲାଟଫର୍ମ ମୁଖରିତ । ଷ୍ଟାଣ୍ଡ ବୁକଷ୍ଟଲ୍ ହସ ହସ ମୁଖମଣ୍ଡଳ ଏକବିଂଶ ଛାତ୍ର

ଯୋଗୁଁ ଷ୍ଟେସନଟି ଯିମିତି ହସି ଉଠିଲା । ପ୍ରାଣ ଖୋଲା ହସ । ଦରଦଭରା କଥା । ଅନାବିଳ ଭାବ ବନ୍ଧୁମୟରେ ଦୁଇଟି ହୃଦୟ ଏକାକାର ହୋଇଗଲା । ଅଧ୍ୟାପକ ଛାତ୍ର ସମ୍ବନ୍ଧ ଯେପରି କେତେ ଘଣ୍ଟା ଲାଗି ଦୂର ହୋଇଗଲା । ଅଧ୍ୟୟନ ଓ ଅଧ୍ୟାପନାର ଗୁରୁ ଦାୟିତ୍ୱ ଦୂରେଇ ଯାଇଛି ।

ରାମକୃଷ୍ଣ ଏ ପରିବେଶରେ ଉଷାର ନିକଟବର୍ତ୍ତୀ ହୋଇଯାଇଛି କଥାବାର୍ତ୍ତାର ଅଖଣ୍ଡ ସ୍ରୋତ ଲମ୍ବି ଯାଇଛି । ଏଠି କେହି କାହାକୁ ସନ୍ଦେହ କରିବାର ଅବକାଶ ନାହିଁ । ଉଷା ଆଜି ଛଳ ଛଳ ମଧୁ ଗିରିଝରଣା ପରି ଚପଳା ହୋଇଛି । ହସର ସୁଅରେ ଓଠର ଅରୁଣିମା ବହି ଚାଲିଛି । ପତଳା ଅବୟବ ତାର ଥରି ଥରି ଯାଉଛି । ଏକ ସମୟରେ ଅନେକ କଥା କହିବା ଲାଗି ଜିହ୍ୱାତାର ଚଞ୍ଚଳ ହୋଇଛି ।

ମେଘୁଆ ଆକାଶ । ଶୀତଳ ପରିବେଶ । ଉଷା ରାମକୃଷ୍ଣକୁ ଅନୁରୋଧକଲା ଆସନ୍ତୁ—ଚା କପେ ଖାଇବେ ।

ବାଧ୍ୟ ଛାତ୍ରପରି ରାମକୃଷ୍ଣ ଅନୁସରଣ କଲା । ଚା କପ୍‌ଟେ ହାତରେ ଧରି ଉଷା ଆଉ କପେ ରାମକୃଷ୍ଣ ହାତକୁ ବଢ଼େଇ ଦେଲା । ଉଭୟେ ଗରମ ଚା'ର ସଦ୍‌ବ୍ୟବହାର କଲେ । ତାଲଚେର ପାସେଞ୍ଜର ଆସିବା ପାଇଁ ଡେରିରେ ଯିବା ଟ୍ରେନ୍ ଗୁଡ଼ାକର ଆଜିକାଲି ଯିମିତି ଏକ ନିଶା ହୋଇଯାଇଛି ।

ଉଷା ନୀରବତା ଭଙ୍ଗ କରି କହିଲା—ଆପଣଙ୍କ ଘର କେଉଁଠି ?

ରାମକୃଷ୍ଣ କହିଲା—ଖୋରଧା ତଳ ଅଞ୍ଚଳର ଏକ ଅଖ୍ୟାତ ପଲ୍ଲୀରେ । ଗାଁର ଶାନ୍ତ ପରିବେଶରେ ମୁଁ ଏକ ଶିକ୍ଷକ ଜୀବନକୁ ଆଦରି ନେଇଛି ।

କ୍ରମେ ରାମକୃଷ୍ଣ ମୁଖର ହୋଇଉଠୁ । କଥା ବାର୍ତ୍ତାରେ ସ୍ବତଃସ୍ଫୁର୍ତ୍ତ ଦେଖି ଉଷା ଆନନ୍ଦିତା ହେଲା । ମନଟିରେ ତାର ଆଶା ସଞ୍ଚାରିତ ହେଲା । ରାମକୃଷ୍ଣ କଥାକୁ ସମର୍ଥନ କରି ଉଷା କହିଲା— ମତେ ପଲ୍ଲୀ ଗାଁ ଭଲ ଲାଗେ । ପିଲାଦିନୁ ସହରରେ ରହି ମଧ୍ୟ ବେଳେ ବେଳେ କଟକ ସହରର ଜନଗହଳି, ଅପରିଚ୍ଛନ୍ନ ଗଳି ମତେ ବ୍ୟସ୍ତବ୍ୟସ୍ତ କରେ । ମନ ଜେଣା ମୋର ଛିନ୍ନ ହୋଇ ଯାଇଛି ।

ଟ୍ରେନ ଆସିବାର ତୃଷ୍ଣାପୂ ସଙ୍କେତ ପ୍ଲାଟ ଫର୍ମର ପ୍ରତ୍ୟେକ ଯାତ୍ରୀଙ୍କୁ ଚଞ୍ଚଳ କରି ଦେଲା । ଉଷା, ରାମକୃଷ୍ଣ ତାଙ୍କର ବନ୍ଧୁମାନଙ୍କ ମେଳକୁ ଫେରି ଆସିଲେ ।

ନର୍ଗୁଣ୍ଡି ଷ୍ଟେସନରେ ଅବତରଣ କରି ଛାତ୍ର ଛାତ୍ରୀ ଦଳ ପଲ୍ଲୀ ରାସ୍ତାରେ ହୋଇ ଚୌଦ୍ୱାର ଅଭିମୁଖେ ଚାଲିଲେ । ଏମିତି ଲକ୍ଷ୍ୟହୀନ ଭାବେ ବୁଲି ବୁଲି ଶାରୀରିକ କ୍ଳାନ୍ତି ବୃଦ୍ଧି ଭିତରେ ମାନସିକ ପରିବର୍ତ୍ତନ ଆଜି ଏ ଭ୍ରମଣର ମୁଖ୍ୟ ଲକ୍ଷ୍ୟ ।

ରାସ୍ତାର ଦୁଇଧାରରେ ଶସ୍ୟକ୍ଷେତ୍ର ପଲ୍ଲୀ ଗାଁ । ସବୁଜ କ୍ଷେତ ଉପରେ ସକାଳର ଖରା ଆଲୋକର ବନ୍ୟା ଛୁଟାଇଥାଏ । ଉପରେ ଖଣ୍ଡେ ଖଣ୍ଡେ ଧଳାକଳା ମିଶା ବାଦଲ ସୂର୍ଯ୍ୟଙ୍କୁ ଅନ୍ତରାଳେ ରଖି ତାର ବିଜୟବାର୍ତ୍ତା ଜଣେଇ ଦେଉଥାଏ । ଗାଁ ଚାଳ ଉପରୁ ଧୂଆଁ ଉଠି ଆକାଶରେ ମିଶିଯାଉଥାଏ । କର୍ମଶୀଳ କୃଷକ ମୁଣ୍ଡରେ ଗାମୁଛା ଭିଡ଼ି ବିଲମାନରେ କାର୍ଯ୍ୟବ୍ୟସ୍ତ ।

ଉଷାକୁ କେତେକ ସମୟ ପରେ ପାଖରେ ଦେଖି ରାମକୃଷ୍ଣ କହିଲା—ପଲ୍ଲୀ ଗାଁକୁ ଭଲ ଲାଗେ ବୋଲି କହୁଥିଲ ସେ ଏଇ ଧୂଳି ମାଟି, କାଦୁଅ ଭରା ପଥ ମାଡ଼ୁ । କିନ୍ତୁ ସହରୀ ଉଷାଙ୍କ ଆଡ଼ମ୍ବର ବର୍ଜିତ ପରିବେଶରେ ଆସିଣ ସନ୍ତୁଷ୍ଟ ହେଇ ପାରିବେ ।

ସାପୁଆ ବେଣିଟାକୁ ଗୋଟେ ହାତରେ ଟାଣି ଧରି ଉଷା କହିଲା—ମୁଁ ପ୍ରତ୍ୟେକ ପରିବେଶରେ ଖାପ୍ ଖୁଆଇ ନେବି ।

ରାମକୃଷ୍ଣ ଖତେଇବା ଉଦ୍ଦେଶ୍ୟରେ କହିଲା– ପଲ୍ଲୀ ଗାଁକୁ ଦେଖିବାକୁ ହିନା ଭଲ ଲାଗୁଚି ତା ପାଖକୁ ଗଲେ ଗାଁ ପରିବେଶରେ ଚଳିବାକୁ ବାଧ ହେଲେ ମନର ଏ ମୁଗ୍ଧଭାବ-ଉଭିଯିବ ।

ଉଷା ଭାରି ଅଭିମାନିନୀ । କଥା କଥାକେ କଳିକରି ବସେ । ମୁହଁ ଫୁଲେଇ କହିଲା—ଆପଣ କଣ ଭାବନ୍ତି ପୁରୁଷ ମାନେ ହିଁ ସବୁ ସହି ପାରନ୍ତି ।

ଉଷାର ଗୋରା ମୁହଁଟି ଲାଲ ହୋଇ ଗଲା । ରାମକୃଷ୍ଣ ଅବସ୍ଥା ଲଗି କହିଲା – ଠିକ୍ ତା ନୁହେଁ । ଦୂର ପାହାଡ ସୁନ୍ଦର କିନ୍ତୁ ନିକଟକୁ ଗଲେ ପାହାଡ଼ର ପାଦଦେଶର କଣ୍ଟକର ସଂକୀର୍ଣ୍ଣ ରାସ୍ତା ପ୍ରଥମରୁହିଁ ଆପଣଙ୍କୁ ଉପରକୁ ଉଠିବା ପାଇଁ ଅବରୋଧ କରିବ ।

ଉଷା ନିଜର କଥାକୁ ରକ୍ଷା କରିବା ଲାଗି ପୁଣି ଜୋର ଦେଇ କହିଲା—ଆପଣ ଜାଣନ୍ତିନି ମୁଁ କଲେଜରେ ପଢ଼ିବା "ସମୟରେ ପଲ୍ଲୀମଙ୍ଗଳ ଯୋଜନା" ଅନୁଯାୟୀ ଅନେକ ମଫସଲ ଯାଇଛି । ଗ୍ରାମ ସଫେଇ କାର୍ଯ୍ୟରେ ଯୋଗ ଦେଇଛି, ଗାଁର ଛୋଟ ପିଲାଙ୍କୁ କୋଳେଇ କାଖେଇ ତୃପ୍ତି ପାଇଛି ।

ରାମକୃଷ୍ଣ ଚୁପ ରହିବାକୁ ପସନ୍ଦ କଲାନି । କହିଲା—ସେ ସବୁ ଅନ୍ୟର ପ୍ରିୟ ପାତ୍ରୀ ହେବା ଉଦ୍ଦେଶ୍ୟରେ ଆପଣ କରି ଥିଲେ । ଆପଣ ପଲ୍ଲୀ ଗାଁର ବୋହୂ ମାନଙ୍କ ଦେଖି ନାହାନ୍ତି । ସେମାନଙ୍କର

କଷ୍ଟ କଣ ଜାଣି ନାହାନ୍ତି । ପଲ୍ଲୀରେ ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦିର ଉଚିତ ବ୍ୟବସ୍ଥା ନାହିଁ । ପଲ୍ଲୀର ବୋହୂ ସକାଳୁ ଉଠି ପୁଣି ଅଧିକ ରାତି ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ରହେ ।

ଉଷା ପାଟି କରି ଉଠିଲା——ମୁଁ ସବୁଜାଣିଛି, ସବୁଜାଣିଛି । ମୁଁ ତାଠୁ ବେଶୀ କରି ପାରିବି ।

ରାମକୃଷ୍ଣ କଥାର ଚରମ ଅବସ୍ଥା ଆଣିବାକୁ ପଚାରିଲେ—ତମେ ପଲ୍ଲୀ ଗାଁର ବୋହୂ ହେବାକୁ ପସନ୍ଦ କରୁଛ ?

ଉଷାର ମନକଣିର ଉଚ୍ଛୁଳା ସୁଅ ହଠାତ୍ କଥାର ଧାକ୍କା ଦେହରେ ପିଚ୍ଛି ହୋଇଗଲା । ଲାଜରେ ଝାଉଁଳି ପଡ଼ିଲା ପରି ଜଣାଗଲା । ମନେ ମନେ ଲଜ୍ଜିତ ହେଲା । ଭାବିଲା ସେ—ସତରେ କଣ ସେ ପଲ୍ଲୀର ନୂଆବୋହୂ ହୋଇ ପାରିବନି ? ନିଶ୍ଚୟ ହୋଇ ପାରିବ । ପଲ୍ଲୀର କୌଣସି ହାଇସ୍କୁଲରେ ଶିକ୍ଷୟିତ୍ରୀ ହୋଇ ତାର ସଂସାର ସେ ସେଇଠି ଗଢ଼ିନେବ ।

ନିଜ ଭାବନାରେ ଉଷା କମିତି ଏକ ନୂତନତ୍ୱ ଅନୁଭବ କଲା । ନୂଆ ବୋହୂ ହେବା ତା ଜୀବନରେ କେବେ ଆସିବ । ଓଢ଼ଣା ଟାଣିବାପରେ ଶେଯରେ ନିଜର ସ୍ୱାମୀଙ୍କୁ ଅପେକ୍ଷା କରିବ ତୃପ୍ତିରେ ଉଷାର ଆଖି ଓଠରେ ପରିବର୍ତ୍ତନ ଜଣାଗଲା ।

ଉଷାର ଏ ଆକସ୍ମିକ ପରିବର୍ତ୍ତନ ରେ ରାମକୃଷ୍ଣ ଅଶାନ୍ତି ଅନୁଭବ କଲା । କଣ୍ଠରେ ବ୍ୟଗ୍ରତା ଭରି କହିଲା—ଆପଣ ଦୁଃଖିତ ହେଲେ ବୋଧେ ମୋର ଚପଳତା ପାଇଁ, କ୍ଷମାଦେବେ ।

ଉଷା ସେଠି ଆଉ ବେଶୀ ସମୟ ନରହି ନିଜର ସଙ୍ଗିନୀ ମାନଙ୍କ ଗହଣକୁ ଚାଲିଗଲା । ଗଲାବେଳେ ତାର ହସରୁ ରାମକୃଷ୍ଣ ବୁଝିଲା ଉଷା କ୍ଷମା ଦେଇଛି ।

ସାରାଦିନ ଗ୍ରୁପଗଣ ବୁଲୁଛନ୍ତି । ଖାଇବା ପିଇବାର ଠିକଣା ନାହିଁ । ବୁଲିବାହିଁ ଲକ୍ଷ । ଯେ କୌଣସି ଜଳଖିଆ ଦୋକାନରେ ଦଳ ଦଳ ହୋଇ ବସି ଦୁଇ ବିସ୍କୁଟ ଆଦି ହାଲୁକା ଜଳଖିଆହିଁ ଆଜି ସେମାନଙ୍କର ଖାଦ୍ୟ ।

ରାମକୃଷ୍ଣ ଉଷା ଆଜି ନିକଟତମ ହୋଇଛନ୍ତି । ଦୀର୍ଘ ଦିନର ପ୍ରତିବନ୍ଧକ ଆଜି ସମ୍ମିଳିତ ବନ୍ଧୁମିଳନର ସୁଯୋଗରେ ଭୁଷୁଡ଼ି ପଡୁଛି । ରାମକୃଷ୍ଣ ଜଳଖିଆ ଖାଇଲେ ଉଷା ପାଣି ଗ୍ଲାସ ବଢ଼େଇ ଦଉଚି । ଉଷା ଭୋକିଲା ଜଣା ପଡ଼ିଲେ ରାମକୃଷ୍ଣ ନିଜ ବ୍ୟାଗ୍‌ରୁ ବିସ୍କୁଟ ପ୍ଲାସ୍କରୁ ଦୁଇ କାଢ଼ି ଦେଉଛି ।

ପାଖ ଗାଁର ବାଳକ ବାଳିକା ଯୁବକ ଯୁବତୀ ବୃଦ୍ଧ—ବୃଦ୍ଧାଏ ହସମୁଖରେ ଦଳଟିକୁ ଦେଖି ବିସ୍ମିତ ହେଉଛନ୍ତି । ସେମାନଙ୍କର କଳ୍ପନା ବାହାର ମିଳନ ଓ ଚପଳତା ସନ୍ଦର୍ଶନରେ ସେମାନେ ଅଭିଭୂତ ହୋଇ ପଡ଼ୁଛନ୍ତି ।

ଚଉଦ୍ୱାର ଲୁଗା କଳ ମଧ୍ୟରେ ପଶିଲା ମାତ୍ରେ ଗାଇଡ୍ କହିଲେ—ଆପଣ ମାନେ ମୁଣ୍ଡ ଢାଙ୍କି ନାକ ଘୋଡ଼େଇ ରଖନ୍ତୁ । ଅସମ୍ଭବ ଗରମ ପବନ ଓ ତୁଳା ଗୁଣ୍ଡାକ ଉଡ଼ିବା ଫଳରେ କାରଖାନା ଭିତରଯାକ ଖରାଦିନ ବୃଷ୍ଟିବାଷ୍ପ ପରି ଜଣାପଡୁଛି ।

ଉଷା ତାର ହଳଦିଆ ପ୍ରିଣ୍ଟ ସିଲ୍କ ଶାଢ଼ୀଟିର ମୁଣ୍ଡ ଉପରକୁ ଉଠେଇ ଆଣିବାର ଦେଖି ରାମକୃଷ୍ଣ କହିବାର ଲୋଭ ସମ୍ଭାଳି ନପାରି କହିଲା—ନୂଆବୋଉ ନ ହେଉଣୁ ନୂଆବୋଉ ବେଶ ବେଳେ ବେଳେ ଅଶାନ୍ତ ଲାଗେ ।

ଗୋରା ମୁହଁଟି କାରଖାନା ଭିତରେ ଅସହ୍ୟ ଗରମରେ ଲାଲ ପଡ଼ିଯାଇଥିଲା । ସୁନ୍ଦର ମୁହଁଟି ତାର ସୁନ୍ଦରତର ହୋଇଥିଲା ।

ରାମକୃଷ୍ଣର ଖୁବ୍ ନିକଟକୁ ଆସି ଊଷା କହିଲା—ଅବସ୍ଥାକୁ ସ୍ୱର୍ଗି ଖାପ ଖୁଆଇ ଚଳିବାରେ ମୋର ଖୁବ୍ ଦକ୍ଷତା ଅଛି ।

ଦୁଇଟି ପ୍ରାଣର ଅନ୍ତର ଖୋଲା ହସ ଓ କଥାବାର୍ତ୍ତାରେ କ୍ଷଣକଲାଗି ଊଷା ଓ ରାମକୃଷ୍ଣ ସଚେତନ ହୋଇ ଉଠିଲେ ।

କଟକ ଫେରିଲା ବେଳକୁ ରାତି ହୋଇଯାଇ ଥାଏ । ଗାଡ଼ିରୁ ଓହ୍ଲାଇ କିଏ କେଉଁ ବାଟେ ଗଲେ ତାର ପତ୍ତା ନାହିଁ ।

ଏ ଭିତରେ ଦୁଇ ତିନି ଦିନ କଟି ଯାଇଛି । ରାମକୃଷ୍ଣ ଊଷାକୁ ନଦେଖି ବ୍ୟସ୍ତ ହେଇ ଉଠୁଛି । ଊଷାର ଅନୁପସ୍ଥିତିରେ କଲେଜର ପାଠପଢ଼ାରେ ତାର ମନ ଲାଗୁନି । ରାତିରେ ଭଲ ନିଦ ହେଉନି ।

ଊଷା ସଙ୍ଗେ ତାର ସଂପର୍କ ସ୍ଥାପିତ ହେବାଦିନୁ ସେ ମନେ ମନେ ଠିକ୍ କରି ନେଇଛି ଊଷାକୁ ହିଁ ବିବାହ କରିବ । ଅରାଜି ହେବାର କିଛି କାରଣ ନାହିଁ । ଦୁହେଁ ଟ୍ରେନିଙ୍ଗ୍ ପରେ ଏକ ସ୍କୁଲରେ ଚାକିରି କରିବେ । ପଲ୍ଲୀର ଶାନ୍ତ ପରିବେଶରେ ଛୋଟିଆ ବସା ଘରେ ଛୋଟିଆ ସଂସାର ତାଙ୍କର ହସି ଉଠିବ ।

ଗାଁର ପାହାଡ଼ ଝରଣା, ଅଶ୍ୱତ୍ଥସାଲିଆ ନଈ କୂଳ ସକାଳ ସନ୍ଧ୍ୟା ଛୁଟିଦିନମାନଙ୍କରେ ଉପଭୋଗ କରିବେ । ଜ୍ୟୋତ୍ସ୍ନାସ୍ନାତ ରଜନୀରେ ଗାଁ ବାହାର ଉନ୍ମୁକ୍ତ ପ୍ରାନ୍ତରରେ ହାତକୁ ହାତ ଧରି ପ୍ରଜାପତି ପରି ଘୁରି ବୁଲିବେ ।

ଶିକ୍ଷକ ଜୀବନ ବେଶ୍ ଆରାମପ୍ରଦ । ଅବସର ବହୁତ ! କୋମଳମତି ବାଳକ ବାଳିକାମାନଙ୍କ ମେଳରେ ହସି ଖେଳି ସମସ୍ତ କଟିଯିବ ।

ଉଷାକଥା ଭାବିଲାବେଳେ ବୀଣା ଆସି ରାମକୃଷ୍ଣର ଚିନ୍ତାରେ ବାଧାଦିଏ । ବୀଣା ସୁନ୍ଦରୀ ସତ, କିନ୍ତୁ ସେ ତାକୁ ଅବିଶ୍ୱାସ କରିଛି । ସାମାନ୍ୟ ବିଚ୍ଛେଦରେ ପରପୁରୁଷକୁ ଅବଲମ୍ବନ କରିବାପାଇଁ ଚେଷ୍ଟା କରିଛି ।

ମନ ତାର ବିଦ୍ରୋହ କରେ । ବୀଣାକୁ ମନରୁ ଜୋର କରି ଦୂର କରେ । ଉଷାର ସମ୍ମୁଖରେ ବୀଣାର ମୁଖମଣ୍ଡଳ ଅଦୃଶ୍ୟ ହୋଇଯାଏ ।

ଉଷା ଜନାର୍ଦନ ଦେବ କଲେଜକୁ ଆସିନି । ନ ଆସିବାର କାରଣ କିଛି ଜାଣି ହ ପାରୁନି । ଉଷାର ଘରକୁ ସେ ଯାଇନି କେବେ, ଯିବା ବି ସୁନ୍ଦର ନୁହେଁ ବର୍ତ୍ତମାନ । ତାର ବାପ ଭାଇ ମା ଭଉଣୀ ଅଛନ୍ତି । ରାମକୃଷ୍ଣର ସାନିଧ୍ୟ ବିବାହ ପୂର୍ବରୁ ସେମାନେ ପସନ୍ଦ କରି ନ ପାରନ୍ତି ।

ସେଦିନ ରବିବାର । ଅବସର ମିଳିଲେ ସାଧାରଣତଃ ଝିଅଝିଅ ଓ ଯୁବକମାନେ ଆନନ୍ଦିତ ହୁଅନ୍ତି । ହଷ୍ଟେଲ ପାଟି ତୁଣ୍ଡରେ ଫାଟି ପଡ଼ୁଥାଏ । ବିବାହିତ ବନ୍ଧୁମାନେ ଛୁଟିନେଇ ଘରକୁ ଚାଲିଗଲେଣି । ଅବିବାହିତ ବନ୍ଧୁମାନେ କ୍ୟାରମ, ରେଡ଼ିଓ ନେଇ ବ୍ୟସ୍ତ । ଜୀବନ ସେମାନଙ୍କର ରଙ୍ଗୀନ । ବିବାହ ପୂର୍ବରୁ ସେମାନେ ମୁକ୍ତ ବିହଙ୍ଗ । ପର ମେଲି କଳ୍ପନା ଆକାଶରେ ଭାସିବାରେ ସେମାନଙ୍କର କୌଣସି ପ୍ରତିବନ୍ଧକ ନାହିଁ ।

ରାମକୃଷ୍ଣ କିନ୍ତୁ ନୀରବ । ସଦାବେଳେ ଚୁପଚାପ । ରବିବାର ଗୁଡ଼ିକରେ ସେ ବେଶୀ ମଳିନ ଦେଖାଯାଏ । ତା ମନ କଥା ବୁଝିବା କାହାର ପାଖେ ସମ୍ଭବ ହୁଏନି । ବନ୍ଧୁମାନେ ଜାଣନ୍ତି ତାଙ୍କର ପ୍ରକୃତି ସେଇଆ । ତାଙ୍କ ଚିନ୍ତାରେ କେହି କେବେ ବାଧା ଦେବାକୁ ଚେଷ୍ଟା କରି ନାହାନ୍ତି ।

ସେଦିନ କିନ୍ତୁ ହଠାତ୍ କହି ସୁଧୀର କୁମାର ପଶି ଆସି କହିଲା —ରାମକୃଷ୍ଣ ବାବୁ, ଆପଣ ସବୁବେଳେ କଣ ଏତେ ଚିନ୍ତା କରନ୍ତି ? କିଛି ଯଦି ମନେ ନ କରିବେ ତେବେ ଗୋଟିଏ କଥା ପଚାରନ୍ତି ।

ମୁହଁରେ ହସ ଫୁଟେଇବାକୁ ଚେଷ୍ଟା କରି ରାମକୃଷ୍ଣ କହିଲା —କହନ୍ତୁ ଏଥିରେ ଭାବିବାର କଣ ଅଛି ? ବରଂ ବନ୍ଧୁ ହିସାବରେ ଆପଣଙ୍କର ସେତିକି ଅଧିକାର ଅଛି ।

ନିଜକୁ ସଜାଡି ନେଇ ସୁଧୀର କହିଲା—ଆପଣ ବିବାହିତ ?

ହଠାତ୍ ଏ ପ୍ରଶ୍ନରେ ରାମକୃଷ୍ଣର ଆଖି ଓଦାଳିଆ ହୋଇଗଲା । ସୁଧୀର ଏହା ଲକ୍ଷ୍ୟ କରି ବ୍ୟସ୍ତ ହୋଇଗଲା । ପୁଣି ନିଜକୁ ସଂଯତ କରି କହିଲା—କ୍ଷମାଦେବେ । ସେ ଭୁଲିଗଲା ତା ବାଟରେ ।

ଡାକବାଲା ଦେଇଗଲା ଖଣ୍ଡେ ଚିଠି । ଚିଠି ଖୋଲି ପଢ଼ିଲା । ଉଷା ଲେଖିଛି—

ରାମକୃଷ୍ଣ ବାବୁ,

କ୍ଷମା କରିବେ । ଆପଣ ବିବାହିତ । ବିଚରା ବୀଣାକୁ ହତାଶ କରନ୍ତୁନି । ଆପଣ ବୀଣାପାଖକୁ ଫେରି ଯାଆନ୍ତୁ । ସେ ଆପଣଙ୍କର ବାଟ ଚାହିଁ କେତେ ଆଶାରେ ବସି ରହିଛି । ଚରିତ୍ର ହୀନତା ଆପଣ ଯାହା ଭାବୁଛନ୍ତି, ତାହା ଆପଣଙ୍କ ମାନସିକ ଦୁର୍ବଳତାର ଲକ୍ଷଣ । ଆପଣ ଜଣକୁ ଯେତେବେଳେ ପରିତ୍ୟାଗ କରି ପାରିଛନ୍ତି, ସେତେବେଳେ ଆଉଜଣକୁ ଛାଡିବା ଆପଣଙ୍କ ପକ୍ଷରେ ଅସମ୍ଭବ ନୁହେଁ । ମୋ ବାଟ ମୁଁ ବାଛି ନେଇଛି । ମୁଁ ଆଉ ପ୍ରବଣା ନୁହେଁ । ଶେଷ ମୁହୂର୍ତ୍ତରେ ମୁଁ ସବୁ ଜାଣି ପାରିଲି, ଆପଣଙ୍କ ଡାକ୍ତର ଶୋଭାଙ୍କଠୁ । ତାଙ୍କରି ସହିତ ମୋର ବିବାହ ଆସନ୍ତା ମାସରେ ହେଉଛି । ଚିତ୍ରଂ ମୋର ଅସମାପ୍ତ ରହିଲା । ଇତି ।

ଉଷା

ରାମକୃଷ୍ଣ ନିଜ କକ୍ଷଟିରେ ଏକୁଟିଆ ବସିଛି । କଲେଜ ଯାଇନି, ମୁଖ ମଣ୍ଡଳ ମଳୀମଶିପରି ମ୍ଳାନ ପଡ଼ି ଶୋଭା ହରୁଛି । ବିଜୁଳି ପଙ୍ଖାର ଶୀତଳ ପବନ ସତ୍ତ୍ୱେ କପାଳ ଉପରେ ସ୍ୱେଦ ବିନ୍ଦୁ ବିନ୍ଦୁ ସୃଷ୍ଟି ହେଉଛି । ମସ୍ତିଷ୍କର ସମସ୍ତ ତନ୍ତ୍ରୀ ନିଷ୍କ୍ରିୟ ହୋଇଯାଉଛି ଯେମିତି । ଟେବୁଲ ଉପରେ ହାତ ଦୁଇଟି ଥୋଇ ତା ଉପରେ ମୁଣ୍ଡ ରଖି ରାମକୃଷ୍ଣ ବସିଛି । ମାଳବତୀ ତା ମନକୁ ବେଶୀ ଦୁଃଶ୍ଚିନ୍ତାଗ୍ରସ୍ତ କରୁଛି । ଏତିକିବେଳେ ଡାକବାଲା ଦେଇଗଲା ଟେଲିଗ୍ରାମ । "ବୀଣା ଭୀଷଣ ଅସୁସ୍ଥ, ଶୀଘ୍ର ଆସ" । ଏଇ କେତୋଟି ଶବ୍ଦ ରାମକୃଷ୍ଣର ହୃଦୟ ସାଗରରେ ଅକାଳଝଡ଼ ତୋଳିଛି । ବୀଣାକୁ ଭୁଲି ଉଷାକୁ ଆପଣାର କରିବାର ଚେଷ୍ଟା ତାର ବ୍ୟର୍ଥ ହୋଇଛି । ବିବାହିତ ଜାଣି ଉଷା ଦୂରେଇ ଯାଇଛି । ସେ ଲେଖିଦେଇ ଯାଇଛି । —'ଜଣକୁ ପରିତ୍ୟାଗ କରି ପାରିନନ୍ତି ଯେତେବେଳେ ଆଉଜଣକୁ ପରିତ୍ୟାଗ କରିବା ଆପଣଙ୍କ ନିକଟରେ ଅସମ୍ଭବ ବୁଝେଁ ।' ମାନସିକ ଅବସାଦ ବେଳେ ଟେଲିଗ୍ରାମଟି ରାମକୃଷ୍ଣର ମନକୁ ଅଧିକ ଦୁର୍ବଳ କରି ଦେଉଛି ।

କଲିକତାର ନୂଆଖାଲି ହତ୍ୟାକାଣ୍ଡରେ ଶତ ଶତ ଯୁବତୀମାନଙ୍କ ଉପରେ ହୋଇଥିଲା ଅମାନୁଷିକ ପାଶବିକ ଆକ୍ରମଣ, ସେମାନଙ୍କୁ କି ସମାଜ ଦୂର କରିନି ?

ଅନେକ ତଥା କଥିତ ଆଧୁନିକ ପରିବାରରେ ଘଟୁଥିବା ଅଶୋଭନୀୟ ଘଟଣାଗୁଡ଼ିକ ତା ଆଖି ଆଗରେ ନାଚି ଉଠିଲା ।

ସାଣା ତ ରାମକୃଷ୍ଣଙ୍କୁ କେବେ ଅସମ୍ମାନ ପ୍ରଦର୍ଶନ କରନ୍ତି ? ତାର ଆଦେଶ କେବେ ଅମାନ୍ୟ କରନ୍ତି ? ବିଶ୍ୱନାଥ ନିକଟକୁ ପତ୍ର ଲେଖିବା କଣ ଚରିତ୍ରହୀନତାର ଲକ୍ଷଣ ?

ଏକକାଳୀନ ଏତେଗୁଡ଼ିଏ ପ୍ରଶ୍ନର ସମାଧାନ ରାମକୃଷ୍ଣ କରି ପାରିଲେନି । ମନେ ପଡ଼ିଲା ଉଷାର ଶେଷ କେତେ ପଦ କଥା— ଆପଣ ସାଣା ପାଖକୁ ଫେରି ଯାଆନ୍ତୁ । ସେ ଆପଣଙ୍କର ବାଟ ଚାହିଁ କେତେ ଆଶାରଖି ବସିଛି । ନାରୀର ଚରିତ୍ରହୀନତା ବୋଲି ଆପଣ ଯାହା ଭାବୁଛନ୍ତି ତାହା ଆପଣଙ୍କର ମାନସିକ ଦୁର୍ବଳତାର ଲକ୍ଷଣ ।

ସତେ କଣ ସେ ଦୁର୍ବଳ ? ସାଣାକୁ କଣ ସେ ଅବହେଳା କରିଛି ? ନା, ସେ ନିଶ୍ଚୟ ଯିବ । ସାଣାର ଏ ଦୁର୍ଦ୍ଦିନରେ ତା ନିକଟରେ ପହଞ୍ଚି କ୍ଷମା ମାଗିନେବ । ତା' ପରେ ହସି ଉଠିବ ତାର ସୁନାର ସଂସାର । ସାଣାକୁ ପାଖେ ପାଖେ ରଖି ତା'ର ଦେହ ମନରେ ଭରିଦେବ ଅଖଣ୍ଡ ତୃପ୍ତି ।

ରାମକୃଷ୍ଣ ନିର୍ଲିପ୍ତ ନଜରରେ ଶଯ୍ୟାଶାୟିତ ସାଣାକୁ ଚାହିଁଲା । ଧଳାଚଦରର ଉପରେ ଶୋଭା ପଡ଼ିଯାଇଥିବା ସାଣାର ପତଳା ଦେହଟା ଲାଗି ରହିଛି । ରାମକୃଷ୍ଣର ଆଖିରେ ଲୁହ ଦେଖାଗଲା । ଅନୁତାପରେ ମନ ତା'ର ଦଗ୍ଧ ହେଉଥିଲା । ଅତି ଆଦରର ସାଣାର ଏ ଅବସ୍ଥା ଲାଗି ସେ ନିଜକୁ ଦାୟୀ କଲା । ସାଣାର କପାଳ ଉପରେ ହାତ ରଖି ରାମକୃଷ୍ଣ ଜ୍ୱରର ଭୀଷଣତାରେ ଉତ୍କଣ୍ଠିତ ହୋଇଗଲା । ଧୀରେ ଧୀରେ ରାମକୃଷ୍ଣ ଡାକିଲା—ସାଣା— ! ସାଣା !

ବୀଣା ଅର୍ଦ୍ଧଚେତନ ଅବସ୍ଥାରେ ରାମକୃଷ୍ଣର ଡାକ ଶୁଣିଲା । କପାଳରେ ହସ୍ତସଂଚାଳନ ଅନୁଭବ କଲା । ରାମକୃଷ୍ଣର ସ୍ୱର ଅତି ଅସ୍ପଷ୍ଟ ଶୁଣାଗଲା । ସେ ଚାହିଁବାକୁ ଚେଷ୍ଟାକରି ଚାହିଁ ପାରିଲାନି ।

ବୀଣାର ନୀରବତାରେ ରାମକୃଷ୍ଣର ହୃଦୟ ଫାଟି ପଡ଼ିଲା । ପତ୍ନୀ ପ୍ରତି ଅବହେଳାର କଥାଭାବି ନିଜକୁ ଧିକ୍କାର କଲା । କେତେ ପାପଚିନ୍ତା ତା ମାନସପଟରେ ନାଚିଉଠି ତାକୁ ବିବ୍ରତ କରିଦେଲା । ପ୍ରାଣରେ ଆକୁଳତା ଭରି ସେ ପୁଣି ଡାକିଲା—ବୀଣା !

କେତେକ ସମୟପରେ ରାମକୃଷ୍ଣର ଡାକରେ ବୀଣା ଆଖି ଖୋଲି ଚାହିଁଲା । କିନ୍ତୁ ଚିହ୍ନି ପାରିଲାନି । ରାମକୃଷ୍ଣ ବୀଣାର ଏ ଅବସ୍ଥା ଦେଖି ତାର ମନରୁ ଉତ୍ସାହ ମଉଳି ଆସିଲା । ଉତ୍କଣ୍ଠିତ ହୋଇ କହିଲା—ମତେ ଚିହ୍ନି ପାରୁନ ବୀଣା ? କେତେକ ସମୟପରେ ବୀଣା ରାମକୃଷ୍ଣକୁ ଚିହ୍ନି ତାର ଦୁର୍ବଳ ହାତ ଦୁଇଟିକୁ ରାମକୃଷ୍ଣ କୋଳ ଉପରକୁ ଉଠେଇ କ୍ଷୀଣସ୍ୱରରେ କହିଲା—ଏତେଦିନେ ମନେ ପଡ଼ିଲା ? ଇମିତି ଫେରେ କଷ୍ଟ ଦଅନ୍ତ ? ରାମକୃଷ୍ଣ ବୀଣାକୁ ଆଉ କିଛି କହିବାକୁ ନ ଦେଇ ତାର ନରମ ପାପୁଲିକି ହାତ-ମୁଠାରେ ଚାପି ଆଉଁସିବାକୁ ଲାଗିଲା ।

ଦୁଇପ୍ରାଣୀଙ୍କର ଆଖିର ଅଶ୍ରୁ ଜଳରେ ବହୁଦିନର ଜମାଟବନ୍ଧା ଦୁଃଖ ଧୋଇ ହୋଇଗଲା ।

*

গ্রীষ্ম ধ্বনি

— ক১ক - ৭ —